# Odisha Legislative Assembly

(ନବମ ଅଧିବେଶନ )

# ୩୧ ମାର୍ଚ୍ଚ ୨୦୨୨

----

[ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ଯୋଜନା ଓ ସଂଯୋଜନ - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ସୂଚନା ଓ ଲୋକ ସମ୍ପର୍କ - କ୍ରୀଡା ଓ ଯୁବକଲ୍ୟାଣ - ବାଣିଜ୍ୟ - ପରିବହନ - ପର୍ଯ୍ୟଟନ ଜଳ ସମ୍ପଦ ].

**ମୋଟ ପ୍ରଶ୍ନର ସଂଖ୍ୟା - 147**

----

## ଜିଡିପି ହାର ବୃଦ୍ଧି

119 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-ଦୁଇ ବର୍ଷ ଧରି ବିଶ୍ୱରେ କୋଭିଡ୍ ମହାମାରୀ ପରିସ୍ଥିତିରେ ଦେଶର ଆର୍ଥିକ ସ୍ଥିତି ଦୁର୍ବଳ ଥାଇ ରାଜ୍ୟର ଆର୍ଥିକ ସ୍ଥିତି ଯଥେଷ୍ଟ ସୁଧାର ଆସିଥିବା ବେଳେ ଚଳିତ ବର୍ଷ ଜିଡିପି କେତେ ବୃଦ୍ଧି ହୋଇଚାଲିଛି ଏହାର ସବିଶେଷ ତଥ୍ୟ ସରକାର ଉପସ୍ଥାପନ କରିବେ କି?

----

## "ଓଶ୍ୱାସ" ର ପ୍ରଚଳନ

195 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଶ୍ୱାସ ମାଧ୍ୟମରେ ନଥିକାର୍ଯ୍ୟ ସମ୍ପାଦନ ପୂର୍ବକ କାଗଜ ବ୍ୟବହାର ହ୍ରାସ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି; ଉତ୍ତର ହଁ ହେଲେ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନୟନ

541 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି ଅବଗତ କରିବେ କି?

----

## ତ୍ରିକୋଣଭୂମି ଅଞ୍ଚଳରୁ ଜଳ ନିଷ୍କାସନ

542 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମହାନଦୀ, କାଠଯୋଡି, ବିରୁପା, ବିଲୁଆଖାଇ, ଲୁଣା, ଚିତ୍ରୋପ୍ଳା ଆଦି ନଦୀର ତ୍ରିକୋଣଭୂମି ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ରାଜଧାନୀରେ ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ

543 **ଶ୍ରୀ ପ୍ରଶାନ୍ତ ବେହେରା(ସାଲେପୁର) :**
**ଶ୍ରୀ ରମେଶ ଚନ୍ଦ୍ର ସାଏ(ଆଠମଲ୍ଲିକ) :**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ସରକାରଙ୍କ ତରଫରୁ କେଉଁ କେଉଁ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ରାଜଧାନୀ ଭୁବନେଶ୍ୱର ସହ କେଉଁ କେଉଁ ସ୍ଥାନରେ ପ୍ରତିଷ୍ଠା ହୋଇଛି ; କେଉଁ ବରପୁତ୍ରଙ୍କର ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ କେଉଁ ମାନ୍ୟବର ବିଧାୟକ, ସାଂସଦ ଓ ସର୍ବସାଧାରଣ ଦାବି କରିଛନ୍ତି ତନ୍ମଧ୍ୟରୁ କେଉଁମାନଙ୍କର ନିର୍ମାଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି ଓ ଅନ୍ୟମାନଙ୍କର ନିର୍ମାଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ନେଉଛନ୍ତି ପ୍ରକାଶ କରି ଓଡିଶାର ପ୍ରତିଷ୍ଠିତ ରାଜନେତା ଓ ଲେଖକ ସୁରେନ୍ଦ୍ର ମହାନ୍ତି, ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟ, ଗଡଜାତ ଗାନ୍ଧୀ ସାରଙ୍ଗଧର ଦାସ, ପାର୍ବତୀ ଗିରି, ଗୋପବନ୍ଧୁ ଚୌଧୁରୀ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଶାନ୍ତିଦୂତ ଲାଲବାହାଦୂର ଶାସ୍ତ୍ରୀଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## କାର୍ଯ୍ୟକାରୀ ହେଉଥିବା Mega Lift Point

544 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି Mega Lift Point କାର୍ଯ୍ୟକାରୀ ହେଉଅଛି ; ଏ ଭିତରୁ କେଉଁ କେଉଁ ସ୍ଥାନରେ Voltage Drop Problem ହେଉଥିବା ଖବର ଅଛି ; ଯଦି ଅଛି ଏ ଦିଗରେ କି ପଦକ୍ଷେପ ନିଆଯାଇଛି ଜଣାଇବେ କି?

----

## ଅନୁଷ୍ଠାନକୁ ଗ୍ରାଣ୍ଟ ଦେବା ଉପରେ କଟକଣା

545 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଗରୁ ଶିକ୍ଷା ବିଭାଗ ଦ୍ୱାରା ସ୍ୱୀକୃତି ପାଇଥିବା ହାଇସ୍କୁଲ, +2 ଓ +3 ଅନୁଷ୍ଠାନକୁ ଗ୍ରାଣ୍ଟ ଦିଆଯାଇପାରୁଥିଲା ବେଳେ, ବର୍ତ୍ତମାନ M.L.A. LAD ଓ M.P. LAD ଦେବା ଉପରେ କଟକଣା କରିବାର କାରଣ କଣ ଓ ଏହାର ପୁନଃବିଚାର କରିବେ କି?

----

## WODC ରେ ପ୍ରକଳ୍ପକୁ ଅନୁଦାନ ପ୍ରଦାନ

546 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟ ସରକାର 2019-20, 2020-21 ରେ WODC ରେ ମୋଟ କେତେ ଅନୁଦାନ କଣ୍ଟାବାଞ୍ଜୀ ନିର୍ବାଚନମଣ୍ଡଳୀକୁ ଦେଇଛନ୍ତି ଓ ବିଧାୟକ କେତେ ଟଙ୍କାର କେତେ ପ୍ରକଳ୍ପ ସୁପାରିଶ କରିଥିଲେ ଏହାର ଗୋଟିଏ ତାଲିକା ପ୍ରଦାନ କରିବେ କି ; (ଖ) ଏହି 2019-20, 2020-21 ର ସୁପାରିଶ କରିଥିବା ପ୍ରକଳ୍ପରୁ WODC କେତେଗୋଟି ପ୍ରକଳ୍ପକୁ ଅନୁଦାନ ଦେଇଛନ୍ତି ଏବଂ କେତେ ପ୍ରକଳ୍ପ ଅନୁଦାନ ନପାଇ ବାକି ଅଛି ପ୍ରକଳ୍ପ ନାମ ସହ ଗୋଟିଏ ତାଲିକା ପ୍ରଦାନ କରିବେ କି?

----

## Lower Indra ପ୍ରକଳ୍ପର ଲାଇନିଙ୍ଗ୍ କାର୍ଯ୍ୟ କରିବା

547 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) Lower Indra ଜଳସେଚନ ପ୍ରକଳ୍ପ 2 ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇଯାଇଥିଲେ ମଧ୍ୟ Main Canal ଏବଂ ଅନ୍ୟାନ୍ୟ Canal ରେ ଲାଇନିଙ୍ଗ୍ କାର୍ଯ୍ୟ ଆରମ୍ଭ ନହେବାର କାରଣ କଣ ; (ଖ) କେଉଁ ସମୟ ସୀମାରେ ଲାଇନିଙ୍ଗ୍ କାର୍ଯ୍ୟ ଆରମ୍ଭ ହେବ ଏବଂ ଲାଇନିଙ୍ଗ୍ କାର୍ଯ୍ୟ ସରିବ?

----

## କପିଳାସ ଓ ଯୋରନ୍ଦାର ପର୍ଯ୍ୟଟନ ଭିତ୍ତିଭୂମି ବିକାଶ

548 **ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କପିଳାସ ଓ ଯୋରନ୍ଦାର ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି, ପ୍ରକାଶ ପୂର୍ବକ ଢେଙ୍କାନାଳ ଜିଲ୍ଲାରେ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କେଉଁ କେଉଁ ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି ?

----

## ବରପୁତ୍ର ମାନଙ୍କ ଗ୍ରାମକୁ ଆଦର୍ଶ ଗ୍ରାମ ମାନ୍ୟତା

549 **ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଢେଙ୍କାନାଳ ଜିଲ୍ଲାର ବରପୁତ୍ର ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଜନ୍ମମାଟି, ହରେକୃଷ୍ଣପୁର ଓ କବି ବ୍ରଜନାଥ ବଡ଼ଜେନାଙ୍କ ଜନ୍ମମାଟି କାବେରା ଗ୍ରାମକୁ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ୍ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ, ଏହା କାର୍ଯ୍ୟକାରୀ କରି ଏହି ଗ୍ରାମର ସାଂସ୍କୃତିକ ଭିତ୍ତିଭୂମି ବିକଶିତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ

550 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭଦ୍ରକ ଜିଲ୍ଲାରେ ବନ୍ୟା ନିୟନ୍ତ୍ରଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ନୂତନ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା

551 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭଦ୍ରକ ଜିଲ୍ଲାରେ କେଉଁ କେଉଁ ସ୍ଥାନକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦିଆଯାଇ ତାହାର ବିକାଶ ନିମନ୍ତେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ଓ କେଉଁ କେଉଁ ସ୍ଥାନକୁ ନୂତନ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ ପ୍ରସ୍ତାବ ବିଚାରାଧିନ ଅଛି, ଏହାକୁ କାର୍ଯ୍ୟକାରୀ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଜମିକୁ ଜଳସେଚନର ସୁବିଧା

552 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାର କେଉଁ ବ୍ଲକର କେତେ ଶତାଂଶ ଜମିକୁ ଜଳସେଚନର ସୁବିଧା ପ୍ରଦାନ କରାଯାଇଛି, ଜିଲ୍ଲାକୁ ପୂର୍ଣ୍ଣାଙ୍ଗ ଜଳସେଚିତ କରିବା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କଳାହାଣ୍ଡି ଜିଲ୍ଲାରେ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ

553 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଳାହାଣ୍ଡି ଜିଲ୍ଲାରେ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସୁବର୍ଣ୍ଣରେଖା ନଦୀ ଦ୍ୱାରା ଜଳସେଚିତ

554 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁବର୍ଣ୍ଣରେଖା ନଦୀ ଜଳସେଚନ ବହୁମୁଖୀ ଯୋଜନା କାର୍ଯ୍ୟକ୍ଷମର ଅଗ୍ରଗତି ବର୍ତ୍ତମାନ କେଉଁ ସ୍ତରରେ ପୂର୍ଣ୍ଣାଙ୍ଗ କେବେ ହେବ କେଉଁ ଜିଲ୍ଲାରେ କେତେ ହେକ୍ଟର ଜଳସେଚିତ ହେଉଛି ଏହାର ସବିଶେଷ ତଥ୍ୟ ସରକାର ଉପସ୍ଥାପନ କରିବେ କି ?

----

## କୋଭିଡ ଯୋଗୁଁ ପର୍ଯ୍ୟଟନ କ୍ଷେତ୍ରରେ କ୍ଷତି

555 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦେଶ ତଥା ରାଜ୍ୟର କୋଭିଡ ପରିସ୍ଥିତିରେ ପର୍ଯ୍ୟଟନ ଶିଳ୍ପର ବ୍ୟାପକ କ୍ଷତି ଘଟିଥିବା ହେତୁ ସରକାର 2020 - 2021 ଓ ଚଳିତ ବର୍ଷ ଏପର୍ଯ୍ୟନ୍ତ କେତେ ରାଜସ୍ୱ ପାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ କେତେ ରାଜସ୍ୱ ପାଇଲେ ଏହାକୁ ସୁଧାର ଆଣିବାକୁ ସରକାରଙ୍କର ବର୍ତ୍ତମାନ ଓ ଭବିଷ୍ୟତ ବ୍ୟବସ୍ଥା କଣ?

----

## ବିଜୁ ପଟ୍ଟନାୟକ ବୋଟିଂ କମ୍ପ୍ଳେକ୍ସ ପାଇଁ ବଜେଟ୍ ବ୍ୟବସ୍ଥା

556 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚୌଦ୍ୱାରସ୍ଥିତ ବିଜୁ ପଟ୍ଟନାୟକ ବୋଟିଂ କମ୍ପ୍ଳେକ୍ସ ନିମନ୍ତେ ବଜେଟ୍ ବ୍ୟବସ୍ଥା କରି ଏହି ପର୍ଯ୍ୟଟନ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ଅବଗତ କରିବେ କି ?

----

## ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ

557 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ନୀତି ସଂପର୍କରେ ସୂଚନା ଦେବେ କି, ରାଜ୍ୟରେ ସମୁଦାୟ କେତୋଟି ପର୍ଯ୍ୟଟନସ୍ଥଳୀକୁ ଚିହ୍ନଟ କରାଯାଇଛି ଓ ଏହାର ଭିତ୍ତିଭୂମିର ବିକାଶ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି କହିବେ କି ?

----

## ଜଳସେଚିତ ଜମିର ପରିମାଣ

558 **ଶ୍ରୀ ଅମର ପ୍ରସାଦ ସତପଥୀ (ବରଚଣା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେଉଁ ଜିଲ୍ଲାରେ କେତେ ପରିମାଣର ଜଳସେଚିତ ଜମି ଅଛି ଏବଂ ଏହା ମୋଟ ଚାଷଜମିର କେତେ ଶତାଂଶ ; ରାଜ୍ୟରେ ଜଳସେଚିତ ଚାଷଜମି ପରିମାଣ ବୃଦ୍ଧି କରିବା ଦିଗରେ ସରକାର କି ପଦକ୍ଷେପ ନେଇଅଛନ୍ତି ?

----

## କାନପୁର ବୃହତ୍ତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ

559 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କାନପୁର ବୃହତ୍ତ ଜଳସେଚନ ପ୍ରକଳ୍ପର ୨୪.୦୪.୧୯୯୩ ରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ଉକ୍ତ ପ୍ରକଳ୍ପକୁ ତା 01.02.2004 ରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁନର୍ବାର ଭିତ୍ତିପ୍ରସ୍ତର ସ୍ଥାପନ କରିବାର ଉଦ୍ଦେଶ୍ୟ କଣ ଥିଲା; ଗୋଟିଏ ପ୍ରକଳ୍ପକୁ ଦୁଇଥର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବାର କାରଣ କଣ ; (ଖ) ଉକ୍ତ ପ୍ରକଳ୍ପ ମାର୍ଚ୍ଚ 2022 ମସିହାରେ ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ କେଉଁ ପ୍ରମୁଖ କାରଣରୁ ଏହା ବିଳମ୍ବିତ ହେଲା ପ୍ରକଳ୍ପର ପ୍ରାରମ୍ଭିକ ତଥା ମୂଳ ବ୍ୟୟ ଅଟ୍ଟକଳ କେତେ ଥିଲା ଓ ଏହା ସମ୍ପୂର୍ଣ୍ଣ ହେବାକୁ କେତେ ଅର୍ଥ ବ୍ୟୟ ହେବ; ପ୍ରକଳ୍ପ ବିଳମ୍ବିତ ପ୍ରକ୍ରିୟା ପାଇଁ କେଉଁ କେଉଁମାନେ ଉତ୍ତରଦାୟୀ ତାହା ପ୍ରକାଶ କରିବାସହ କେବେସୁଦ୍ଧା ଉକ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବ ତାହା ଜଣାଇବେ କି ?

----

## ଖଣି ଅଞ୍ଚଳରେ ନିର୍ଭରଶୀଳ ଲୋକଙ୍କୁ ଚିହ୍ନଟ

560 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଅଣତାରକା ପ୍ରଶ୍ନ ସଂଖ୍ୟା 2466 ତା ୧୫.03.2021 ରିଖ ପରିଶିଷ୍ଟ 'ଘ' ର ଉତ୍ତର ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ପ୍ରତ୍ୟକ୍ଷଭାବେ ଚିହ୍ନଟ କରାଯାଇଥିବା 1 ଟି ଗ୍ରାମପଞ୍ଚାୟତ ଓ ମ୍ୟୁନିସିପାଲିଟିର ୪୨୧ ଗ୍ରାମକୁ କେଉଁବର୍ଷରେ କାହା ଦ୍ୱାରା କେଉଁ ପଦ୍ଧତିରେ ଚିହ୍ନଟ କରାଯାଇଥିଲା ତାର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି; ଖଣି ଅଞ୍ଚଳ ଉପରେ ଅର୍ଥନୈତିକ ଭାବେ ଓ ଜୀବିକା ନିର୍ବାହ ପାଇଁ ନିର୍ଭରଶୀଳ ଥିବା ପୁରୁଷ ଓ ମହିଳାଙ୍କୁ ଚିହ୍ନଟ ନକରି କିଭଳି ଯୋଜନା ପ୍ରସ୍ତୁତ କରାଯାଉଛି; ଖଣି ଅଞ୍ଚଳ ଉପରେ ଅର୍ଥନୈତିକ ଭାବେ ଜୀବିକା ନିର୍ବାହ ପାଇଁ ନିର୍ଭରଶୀଳ ଥିବା ବ୍ୟକ୍ତି ବିଶେଷଙ୍କୁ କେବେସୁଦ୍ଧା ଚିହ୍ନଟ କରାଯିବ ସେଥିପାଇଁ କି କି ପ୍ରସ୍ତୁତି କେଉଁ ପର୍ଯ୍ୟାୟରେ ରହିଛି ତାହା ପ୍ରକାଶ କରିବେ କି ?

----

## ଆମ ଗାଁ ଆମ ବିକାଶ ଯୋଜନା ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

561 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଚଳିତ ଆର୍ଥିକ ବର୍ଷରେ ଆମ ଗାଁ ଆମ ବିକାଶ ଯୋଜନାରେ କେଉଁ କେଉଁ ଜିଲ୍ଲାର କେଉଁ କେଉଁ ବ୍ଲକର କେଉଁ ପଞ୍ଚାୟତରେ ଲୋକ ପ୍ରତିନିଧି କ୍ଷେତ୍ରୀୟ ସରକାରୀ ଅଧିକାରୀ ଓ ଜନସାଧାରଣ କେଉଁ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ସ୍ଥାନୀୟ ବିକାଶମୂଳକ ଯୋଜନା ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପ୍ରସ୍ତାବ ଦେଇଥିଲେ ଓ ତନ୍ମଧ୍ୟରୁ କେଉଁ କେଉଁ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିଲେ ଓ ଏହି ପ୍ରକଳ୍ପ ବାବଦରେ କେତେ ଅର୍ଥ ବ୍ୟୟ ହେବା ପାଇଁ ସ୍ଥିର ହୋଇଥିଲା ତାର ଏକ ପ୍ରକଳ୍ପ ତାଲିକା ପ୍ରଦାନ କରିବେ କି; (ଖ) କେଉଁ କେଉଁ ବିଭାଗର ଚଳିତ ବଜେଟରେ କେତେ ଅର୍ଥ ବରାଦ କରାଯାଇଥିଲା ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ପର୍ଯ୍ୟଟନ କ୍ଷେତ୍ରର ବିକାଶ ନିମନ୍ତେ ଆକ୍ସନ ପ୍ଲାନ ପ୍ରସ୍ତୁତ

562 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ଅଧିକ ସଂଖ୍ୟକ ପର୍ଯ୍ୟଟକ ଆଗମନ ନିମନ୍ତେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ବିକାଶ ନିମନ୍ତେ ସରକାର କୌଣସି ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି କି ଯଦି କରିଛନ୍ତି ତାର ରୂପରେଖ କ'ଣ ତାହା ଉପସ୍ଥାପନ କରିବେ କି ; (ଖ) 2009-10 ରୁ 2020-21 ବର୍ଷରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର କେତେଗୋଟି ପର୍ଯ୍ୟଟନ କ୍ଷେତ୍ର / ପ୍ରକଳ୍ପର ବିକାଶ କରିଛନ୍ତି ଏ ବାବଦରେ କେନ୍ଦ୍ର ସରକାରଙ୍କ କେଉଁ ଯୋଜନାରେ କେତେ ଓ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ କେତେ ଅର୍ଥ ମଞ୍ଜୁର କରିଛନ୍ତି ସେଥିରୁ କେତେ ଅର୍ଥ କେଉଁ ବର୍ଷ ବ୍ୟୟ ହୋଇଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଶିଳ୍ପ ଓ ଖଣିରେ ବେଆଇନ୍ ଭାବେ ଭୂତଳ ଜଳ ବ୍ୟବହା

563 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ ବିଭିନ୍ନ ଶିଳ୍ପ ଓ ଖଣି ମାନଙ୍କରେ ବେଆଇନ୍ ଭାବେ ଭୂତଳ ଜଳ ବ୍ୟବହାର କରୁଥିଲେ ମଧ୍ୟ ସରକାରଙ୍କୁ ଏ ବାବଦରେ କୌଣସି ଜଳକର ପୈଠ କରୁନଥିବା ପରିପ୍ରେକ୍ଷୀରେ ଆଇନ୍ ଉଲ୍ଲଙ୍ଘନ କରି ଭୂତଳ ଜଳ ବ୍ୟବହାରକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କି କି ବ୍ୟବସ୍ଥା ରହିଛି, କେଉଁ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ କେବେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, କେଉଁ ଜିଲ୍ଲାରେ କେଉଁ କେଉଁମାନଙ୍କୁ କେତେ ଭୂତଳ ଜଳ ବ୍ୟବହାର କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି; (ଖ) ହୀରାକୁଦ ନଦୀବନ୍ଧ ଅଞ୍ଚଳରେ କେତେ ଗଭୀରର Intake Well ନିର୍ମାଣ କରି କେତେ ଜଳ ବ୍ୟବହାର ପାଇଁ କେଉଁ ସଂସ୍ଥାକୁ କେଉଁ କେଉଁ ସର୍ତ୍ତ ଆଧାରରେ କେବେ ଅନୁମତି ପ୍ରଦାନ କରାଯାଇଛି, କେଉଁମାନେ କି କି ସର୍ତ୍ତ ଉଲ୍ଲଙ୍ଘନ କରିଛନ୍ତି ଓ ଅନୁମୋଦିତ ପରିମାଣ ଠାରୁ କେତେ ଅଧିକ ଜଳ ବ୍ୟବହାର କରୁଛନ୍ତି ?

----

## କରୋନା ଯୋଗୁଁ ପର୍ଯ୍ୟଟକଙ୍କ ହ୍ରାସ

564 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କରୋନା ଭୂତାଣୁ ଅଧିକାଂଶ ଦେଶରେ କାୟା ବିସ୍ତାର କରୁଥିବା ପରିପ୍ରେକ୍ଷୀରେ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ଏହାର କି ପ୍ରଭାବ ଅନୁଭୂତ ହେଉଛି, ବିଦେଶୀ ଓ ଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାରେ କେତେ ହ୍ରାସ ଘଟିଛି, ଗତ ୧ ବର୍ଷ ଭିତରେ କେତେ ହୋଟେଲ୍ ବୁକିଂ ରଦ୍ଦ ହୋଇଛି, ତାହାର ବିବରଣୀ ପ୍ରଦାନ କରିବେ କି, ଏହି ଭୟାବହ ରୋଗର କୁପ୍ରଭାବରୁ ରାଜ୍ୟ ପର୍ଯ୍ୟଟନ ଶିଳ୍ପକୁ ସୁରକ୍ଷିତ ରଖିବା ତଥା ସଂକ୍ରମିତ ଭୂତାଣୁ ଆକ୍ରାନ୍ତ ପର୍ଯ୍ୟଟକଙ୍କ ଚିହ୍ନଟ ଓ ଚିକିତ୍ସା ପାଇଁ ବର୍ତ୍ତମାନ ସୁଦ୍ଧା କି କି ପଦକ୍ଷେପ ନିଆଯାଇଛି କହିବେ କି, ଏହି ପରିପ୍ରେକ୍ଷୀରେ ଓଟିଡିସି ପକ୍ଷରୁ ବିଦେଶ ଯାତ୍ରାର ପ୍ୟାକେଜ୍ ପ୍ରସ୍ତୁତ କରିବା ଅପରିପକ୍ୱତାର ଲକ୍ଷଣ ନୁହେଁ କି; ୨୦୧୫ରୁ ଅଦ୍ୟାବଧି ରାଜ୍ୟକୁ ବିଦେଶୀ ଓ ଦେଶୀୟ ପର୍ଯ୍ୟଟକଙ୍କ ସଂଖ୍ୟା ସଂପର୍କିତ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## RTI Act 2005 Section 19 (3) ଅନୁସାରେ ମାମଲା ଫଇସଲା

565 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) State Information Commission ଙ୍କ ପାଖରେ RTI Act. 2005 ର Section 19 (3) ଅନୁସାରେ କେତୋଟି 2nd Appeal ଫଇସଲା ନ ହୋଇ ପଡି ରହିଛି, କାରଣ ସହ ବର୍ଷୱାରୀ ତଥ୍ୟ ଉପସ୍ଥାପନ କରିବେ କି, ବିଳମ୍ବିତ ନ୍ୟାୟକୁ ନ୍ୟାୟ ନ ମିଳିବା ସଙ୍ଗେ ସମାନ ବୋଲି ସରକାର ମାନିବେ ନା ନାହିଁ, (ଖ) ଯଦି ଉତ୍ତର ନା ହୁଏ ତେବେ RTI Act. 2005 ର Sub-Section (1) and (2) of Section 19 ରେ ସୂଚନା ଦେବା ପାଇଁ ସମୟାନୁବର୍ତ୍ତିତା ନିୟମ ନ ମାନିଲେ ସମ୍ପୃକ୍ତ Public Authority କୁ ଦାୟୀ କରି RTI Act. 2005 ର Section 20 (1) ଅନୁଯାୟୀ Penalty ର ବ୍ୟବସ୍ଥା ଥିଲା ସମୟରେ RTI Act. 2005 ର Section 19 (3) ଅନୁସାରେ 2nd Appeal ର ବିଚାର ପାଇଁ କୌଣସି ସମୟ ସୀମା ନିର୍ଦ୍ଧାରିତ ହୋଇନଥିବାରୁ ଓ RTI Act. 2005 ରେ 2nd Appeal ଫଇସଲା ନିମନ୍ତେ ବିଳମ୍ବ ପାଇଁ କାହାକୁ ଦାୟୀ କରି Penalty ଦେବାର ବ୍ୟବସ୍ଥା ନ ଥିବାରୁ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ RTI Act. 2005 ର Amendment କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ 2nd Appeal ର ଫଇସଲା କରିବାକୁ ସରକାର ଆଇନରେ ବ୍ୟବସ୍ଥା କରିବେ କି ?

----

## ପୋଲାଭରମ ପ୍ରକଳ୍ପଦ୍ୱାରା ଓଡିଶାର କ୍ଷତି

566 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଆନ୍ଧ୍ରର ପୋଲାଭରମ ପ୍ରକଳ୍ପଦ୍ୱାରା ଓଡିଶା ଯେଉଁ କ୍ଷତି ସହିବ ସେଥିରୁ ଓଡିଶାବାସୀଙ୍କୁ ସୁରକ୍ଷା ଦେବା ପାଇଁ ସରକାର ବିଫଳ କି, ରାଜ୍ୟ ସରକାର ସମ୍ପ୍ରତି ନୀରବ ଦ୍ରଷ୍ଟା ସାଜିଥିବା ବେଳେ ସେହି ପ୍ରକଳ୍ପର ନିର୍ମାଣ ଚାଲିଛି କି, (ଖ) କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଓଡିଶା ପ୍ରତି ଘୋର ଅନ୍ୟାୟ କରୁଛନ୍ତି କି, ରାଜ୍ୟ ସରକାରଙ୍କର ପରବର୍ତ୍ତି ପଦକ୍ଷେପ କଣ ହେବ ତାହା ସ୍ପଷ୍ଟ କରିବେ କି ?

----

## ଟ୍ରେନ ଚଳାଚଳ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟକୁ ଆବେଦନ

567 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ः**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୋରାପୁଟ ଜିଲ୍ଲାରୁ କ୍ରମାଗତ ଭାବେ ବିଭିନ୍ନ କାମ ପାଇଁ କଟକ ଭୁବନେଶ୍ୱରକୁ ଯାତ୍ରୀ ସଂଖ୍ୟା ବଢୁଛି କି, ବିଧିବଦ୍ଧ ଭାବେ ଏହାର ଅନୁଧ୍ୟାନ କରାଯାଇଛି କି, ଏହାକୁ ଦୃଷ୍ଟିରେ ରଖି କୋରାପୁଟର ସକାଳ ବେଳା ଏକ ଟ୍ରେନ ଭୁବନେଶ୍ୱର ଯିବା ଆସିବା କରିବା ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟକୁ ଲେଖାଯିବ କି, ରାଜ୍ୟ ସରକାର ଆବଶ୍ୟକୀୟ ସହାୟତା ଦେବେ କି ?

----

## Consider to being new policy

568 **Dr. Pradeep Kumar Panigrahy (Gopalpur):**

Will the Minister for **Planning and Convergence** be pleased to state that:-:- Can Government consider to bring a new policy to provide justice to the deserved need based economic backward of left out section of our society to fullfill the ambitious plan of our Hon'ble Chief Minister for inclusive growth of our society ?

----

## କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ

569 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ः**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନମଣ୍ଡଳୀର ଓଡଗାଁ ବ୍ଲକ ଅନ୍ତର୍ଗତ ଧୁଷୁମାଠାରେ ଡୁଆଣ୍ଟ ନଦୀରେ ଗୋଟିଏ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରିବା ପାଇଁ 5 ଗୋଟି ପଞ୍ଚାୟତର ଜନସାଧାରଣ ବହୁ ଦିନରୁ ଦାବୀ କରି ଆସୁଛନ୍ତି, ଏଥିପାଇଁ estimate କରାଯାଇ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ TAC ର recommendation ହୋଇନଥିବାରୁ ପ୍ରକଳ୍ପ ନିର୍ମାଣ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ଏବଂ ଜନସାଧାରଣରେ ଘୋର ଅଶାନ୍ତି ସୃଷ୍ଟି ହୋଇଛି, ଏଣୁ ଜନମତକୁ ସମ୍ମାନ ଜଣାଇ TAC ଅନୁମୋଦନ କରାଇ ଧୁଷୁମାଠାରେ ଡୁଆଣ୍ଟ ନଦୀରେ ଗୋଟିଏ MIP (Piano Keywear D Type) ନିର୍ମାଣ କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ?

----

## ପ୍ରାଚୀ ଡିଭିଜନରେ ହେଉଥିବା କାର୍ଯ୍ୟ

570 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ)ः**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନିମାପଡା ଡିଭିଜନ, ପ୍ରାଚୀ ଏହି ଦୁଇ ଡିଭିଜନରେ ବର୍ତ୍ତମାନ କି କି କାର୍ଯ୍ୟ ଚାଲିଛି ଓ ତାହା କେତେ ଟଙ୍କା ବ୍ୟୟରେ କେଉଁଠାରେ ଚାଲିଛି ତାହାର ଏକ ବିବରଣୀ ଦେବେ କି ?

----

## ଅଧିକ ସଂଖ୍ୟକ ବସ ସେବା

571 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ବାହାରର କେଉଁ କେଉଁ ସ୍ଥାନକୁ କେତେ କେତେ ବସ ସେବା ଅଛି ଏହା ପର୍ଯ୍ୟାପ୍ତ କି, ଉତ୍ତର ଯଦି ନାଁ ହୁଏ ଅଧିକ ବସ ସେବା ପାଇଁ ସରକାର କଣ ସ୍ୱତନ୍ତ୍ର ବ୍ୟବସ୍ଥା କରୁଛନ୍ତି ଜଣାଇବେ କି ରାଜ୍ୟ ପରିବହନ ନିଗମ 2019-20 ଆର୍ଥିକ ବର୍ଷରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ଅର୍ଥର ନୂତନ ଗାଡି କିଣାଯାଇଛି ଏବଂ କେଉଁ ବର୍ଷ କେତେ ଲାଭ ବା କ୍ଷତି ହୋଇଛି ଜଣାଇବେ କି ଜଟଣୀ ଠାରେ IIT, NISER ଭଳି ବଡ଼ ଅନୁଷ୍ଠାନ ଥିବାରୁ ଉକ୍ତ ସବୁ ଅନୁଷ୍ଠାନ ଦେଇ ଭୁବନେଶ୍ୱର ଖୋର୍ଦ୍ଧାକୁ ଅଧିକ ବସ ଚଳାଇବା ପାଇଁ ଅନୁରୋଧ କରାଯାଇଥିଲେ ମଧ୍ୟ କେତେକ ରୁଟରେ ଆଜି ପର୍ଯ୍ୟନ୍ତ ବସ ସେବା ନଯୋଗାଇବାର କାରଣ କଣ ଜଣାଇବେ କି ?

----

## କଲେଜରେ ଓଡିଆ ଅନର୍ସ ଖୋଲିବାକୁ ଅନୁମତି

572 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା, ପ୍ରଚାର ଓ ପ୍ରସାର କରିବେ ବୋଲି ସରକାର ଘୋଷଣା କରିଥିଲେ କି ; ଅପର ପକ୍ଷରେ ଉଚ୍ଚ ଶିକ୍ଷା ବିଭାଗ ଏହାର ବିରୋଧାଚରଣ କରୁଥିବାର କାରଣ କଣ ; ବିଶେଷ କରି ସରକାରୀ ବେସରକାରୀ କଲେଜରେ ଓଡିଆ ଅନର୍ସ ଖୋଲିବାକୁ ଅନୁମତି ଉଚ୍ଚ ଶିକ୍ଷା ବିଭାଗ ଦେଉନଥିବାର କାରଣ କଣ ; (ଖ) କୋରାପୁଟ ଜିଲ୍ଲାର ଲମତାପୁଟ ଠାରେ ଘରୋଇ ଉଦ୍ୟମରେ ସ୍ଥାପିତ ଲମତାପୁଟ ଡିଗ୍ରୀ କଲେଜ ପକ୍ଷରୁ ବାରମ୍ବାର ଆବେଦନ ସତ୍ତ୍ୱେ ଓଡିଆ ଅନର୍ସ ପାଇଁ ଅନୁମତି ନମିଳିବା ତାହାର ଉଦାହରଣ କି ; ଏହାର ତଦନ୍ତ କରିବେ କି?

----

## ନିର୍ମାଣାଧିନ Sports Complex ସମ୍ପର୍କରେ

573 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଜୟପୁର ଠାରେ ନିର୍ମାଣାଧିନ Sports Complex କେବେ ଆରମ୍ଭ ହୋଇଥିଲା ; କେବେ ସମାପ୍ତ ହେବ ବୋଲି କୁହାଯାଇଥିଲା ; ଏହାର ମୂଳ ଅଟକଳ କେତେ ଥିଲା ଓ ତାହା କେତେକୁ ବୃଦ୍ଧି ପାଇଛି ; (ଖ) ଏହି Sport Complex ରେ ଆନ୍ତର୍ଜାତିକ କ୍ରୀଡାର ଆୟୋଜନ କରାଯାଇ ପାରିବ କି ଏବଂ ଏଭଳି ଏକ ଅଧାପନ୍ତରିଆ Sports Complex କରି ରାଜ୍ୟ ସରକାର କୋରାପୁଟବାସୀଙ୍କୁ ଭଣ୍ଡାଇଛନ୍ତି କି?

----

## ଜଗନ୍ନାଥ ସାଗରର ପୁନରୁଦ୍ଧାର

574 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଜୟପୁର ସହରର କେନ୍ଦ୍ର ସ୍ଥଳରେ ଥିବା ବୃହତ ଜଳାଶୟ ଜଗନ୍ନାଥ ସାଗର ଦ୍ୱାରା ବହୁ ଜମିରେ ଜଳସେଚନ ହେଉଥିଲା କି ; ଏହା ଏବେ କେତେ ଏକରରେ ସୀମିତ ଅଛି ; ଆବଶ୍ୟକତା ଦୃଷ୍ଟିରୁ ଜଳ ସମ୍ପଦ ବିଭାଗ ଏହାର ପୁନରୁଦ୍ଧାର କରିବେ କି ; (ଖ) ଏହି ଜଳାଶୟରେ କେତେ ପଟୁ ଜମିଛି ତାହା ଆକଳନ କରାଗଲାଣି କି?

----

## Software Park କାର୍ଯ୍ୟକ୍ଷମ

575 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟପୁର ଠାରେ ପ୍ରସ୍ତାବିତ Software Park କେବେ କାର୍ଯ୍ୟକ୍ଷମ ହେବ ; ଏଥିରେ କେଉଁ କେଉଁ Software Company ସହଯୋଗ କରିବେ ; କେତେଜଣ ନିଯୁକ୍ତି ପାଇବେ ; ସ୍ଥାନୀୟ ଯୁବକ ଯୁବତୀଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ସୁବିଧା ଅଛି କି ; ଏ ସଂକ୍ରାନ୍ତରେ ସରକାରଙ୍କ ସହିତ କି କି ସର୍ତ୍ତ ରହିଛି?

----

## ବାଗ୍ରା ଜଳ ଫୁଆରାର ପୁନରୁଦ୍ଧାର

576 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ସବୁଠାରୁ ସୁନ୍ଦର ଜଳପ୍ରପାତ କୁହାଯାଉଥିବା ବାଗ୍ରା ଜଳ ଫୁଆରା କୋରାପୁଟ ଜିଲ୍ଲାରେ ଥିଲା କି ; ତାହା କେଉଁ କାରଣରୁ ଶୁଖିଗଲା ; ଏହି ପ୍ରାକୃତିକ ସମ୍ଭାରର ପୁନରୁଦ୍ଧାର ହୋଇପାରିବ କି ; ଏହାଦ୍ୱାରା କୋରାପୁଟ ଜିଲ୍ଲାର ପର୍ଯ୍ୟଟନ ମାନଚିତ୍ର ଭିନ୍ନମୋଡ ନେବ କି?

----

## କୀର୍ତ୍ତିରାଜିଗୁଡିକର ସଂରକ୍ଷଣ ପାଇଁ ହୋଇଥିବା ଖର୍ଚ୍ଚ

577 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କଳାହାଣ୍ଡି ଜିଲ୍ଲାର ସଦର ନିର୍ବାଚନମଣ୍ଡଳୀ ପାଇଁ ତିନୋଟି (୩) ପ୍ରକଳ୍ପ, ଜୁନାଗଡ ପାଇଁ ଚାରୋଟି (4) ପ୍ରକଳ୍ପ, ଉକ୍ତ ସାତ (7) ଟି ଅଣସଂରକ୍ଷିତ କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କାରୁ କେତେ ଖର୍ଚ୍ଚ ହୋଇଅଛି ଜଣାଇବେ କି; (ଖ) ମ.ରାମପୁର ବ୍ଲକର ମୋହନଗିରୀର ଧବଳେଶ୍ୱର ଓ ଚଣ୍ଡି ମନ୍ଦିର, ସାଙ୍କୁସର ଶିବ ଓ ଚଣ୍ଡି ମନ୍ଦିର, କୁସୁର୍ଲାର ଶିବ ମନ୍ଦିର, ବେଲଖଣ୍ଡିର ଧବଳେଶ୍ୱର ମନ୍ଦିର, ରାକ୍ସି G.P. ରେ ବୋରିଙ୍ଗ ପଦରର ଦେବଗିରୀ ମନ୍ଦିର ଏ ସମସ୍ତ ନର୍ଲା ନିର୍ବାଚନମଣ୍ଡଳୀର ; ଏହି ଆର୍ଥିକ ବର୍ଷରେ ଏହାର ଉନ୍ନତିକରଣ କରିବା ପାଇଁ ଅର୍ଥର ବ୍ୟବସ୍ଥା କରିବେ କି?

----

## M.Rampur Block ରେ ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା

578 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 25.02.2021 Unstard ପ୍ରଶ୍ନ ସଂଖ୍ୟା-1011 ରେ M.Rampur Block ର ଆଦିବାସୀ ବହୁଳ ପଞ୍ଚାୟତ ବିଭାଗ ତରଫରୁ ଜିଲ୍ଲାର ଯୋଜନା କଲାବେଳେ ଉପରୋକ୍ତ ପଞ୍ଚାୟତମାନଙ୍କ ପାଇଁ ଗୁରୁତ୍ୱ ଦେଇ ଅର୍ଥର ବ୍ୟବସ୍ଥା କରିବେ କି ; ଉକ୍ତ ବ୍ଲକରେ ଏକ ସ୍ୱତନ୍ତ୍ର ପ୍ୟାକେଜର ଘୋଷଣା କରିବେ କି?

----

## ଉତେଇ Project ରେ ହୋଇଥିବା କାମର Bill ପୈଠ

579 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଉତେଇ Project ରେ ହୋଇଥିବା କାମର Bill କେବେ ପୈଠ କରାଯିବ ; (ଖ) ତେଲ ନଦୀ ଉପରେ କେସିଙ୍ଗାର ସୁକନାଭଟ୍ଟାର ଆଡିବନ୍ଧ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ; ବିଳମ୍ବର କାରଣ କଣ ଏବଂ ଅମାଠ ଠାରୁ ତୁର୍ଲାଖମନ, ବେଲଖଣ୍ଡି, ବିନ୍ଧାଣୀ ଓପୈରକେଲା ପର୍ଯ୍ୟନ୍ତ ଆଡିବନ୍ଧ ନିର୍ମାଣ ପାଇଁ ବ୍ୟବସ୍ଥା କରିବେ କି?

----

## ଉପର ପଟେ ଥିବା ଚାଷୀଙ୍କୁ ପାଣି ବ୍ୟବସ୍ଥା

580 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କେସିଙ୍ଗା ଓ ନର୍ଲା ବ୍ଲକରେ ହୋଇଥିବା Mega Lift Point କେତେକ ସ୍ଥାନରେ ପାଇପ୍ ଲାଇନ ତଳୁ ଚାଲିଯାଉଥିବା ବେଳେ ଉପର ପଟେ ଥିବା ଚାଷୀ ପାଣି ପାଉନଥିବା ଅଭିଯୋଗର ସମାଧାନ ପାଇଁ କି ବ୍ୟବସ୍ଥା କରାଯାଇଛି ; (ଖ) ପ୍ରତ୍ୟେକ ଦୁଇ ହେକ୍ଟର ଜମିରେ ଆଉଟଲେଟ୍ ଦେବାର ନିଷ୍ପତ୍ତି କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ଜଣାଇବେ କି?

----

## Mega Lift ଜରିଆରେ ପାଣି ବ୍ୟବସ୍ଥା

581 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ତେଲ ନଦୀ ଉପରେ ନର୍ଲା ନିର୍ବାଚନମଣ୍ଡଳୀ ପାଇଁ ନୂତନ କରି ଅଣ-ଜଳସେଚିତ ପଞ୍ଚାୟତମାନଙ୍କରେ ସର୍ଭେ କରି Mega Lift ଜରିଆରେ ପାଣି ଯୋଗାଇବେ କି?

----

## ବରପୁତ୍ରଙ୍କର ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ

582 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ରାଜଧାନୀ ଭୁବନେଶ୍ୱର ସହ କେଉଁ ଜିଲ୍ଲାର କେଉଁଠାରେ ପ୍ରତିଷ୍ଠିତ କେଉଁ ବରପୁତ୍ରଙ୍କର ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ଓ କେଉଁ ବରପୁତ୍ରଙ୍କର ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ କରିବା ପାଇଁ ପ୍ରସ୍ତାବ ଅଛି ତାହାର ବିବରଣୀ ପ୍ରଦାନ କରିବେ କି?

----

## ଗ୍ରନ୍ଥାଗାରର ସଭ୍ୟଭୁକ୍ତ ପାଇଁ ପ୍ରସ୍ତାବ

583 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ସମସ୍ତ ମାନ୍ୟବର ବିଧାୟକ/ବିଧାୟିକା, ପୂର୍ବତନ ବିଧାୟକ/ବିଧାୟିକାମାନଙ୍କୁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ଆଜୀବନ ସଭ୍ୟଭୁକ୍ତ କରିବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଜଳ ନିଷ୍କାସନ ପାଇଁ ପଦକ୍ଷେପ

584 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚୌଦ୍ୱାର, କଟକ ଓ ଜଗତପୁର ଅଞ୍ଚଳର ଜଳ ନିଷ୍କାସନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ନେଇ ଏହି ଅଞ୍ଚଳକୁ ସବୁଦିନ ପାଇଁ ଶୂନ୍ୟ ଜଳପ୍ଲାବନ କରିବାକୁ ନିଷ୍ପତ୍ତି ନେଇଛନ୍ତି ସେ ଦିଗରେ କି ପଦକ୍ଷେପ ଆରମ୍ଭ ହୋଇଛି ପ୍ରକାଶ କରିବେ କି?

----

## ଷ୍ଟାଡିୟମକୁ ଅତ୍ୟାଧୁନିକିକରଣ

585 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ-ଚୌଦ୍ୱାର ପାଇକରାପୁରଠାରେ ଥିବା ଷ୍ଟାଡିୟମକୁ ଅତ୍ୟାଧୁନିକିକରଣ ଷ୍ଟାଡିୟମରେ ପରିଣତ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଚୌଦ୍ୱାର ଠାରେ ସୂଚନାକେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା

586 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚୌଦ୍ୱାରଠାରେ ଏକ ଉନ୍ନତମାନର ସୂଚନା କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଓଡିଆ ଭାଷା, ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଆଭିମୁଖ୍ୟ

587 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭାରତ ତଥା ବିଶ୍ୱ ଦରବାରରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ସରକାରଙ୍କ ଆଭିମୁଖ୍ୟ କଣ ; ଶାସ୍ତ୍ରୀୟ ଓଡିଆ ସାହିତ୍ୟକୁ ବିଭିନ୍ନ ଭାଷାରେ ବ୍ୟାପକ ଓ ବହୁଳ ଅନୁବାଦ କରି ଉଭୟ ମୁଦ୍ରିତ ଓ ଡିଜିଟାଲ ମାଧ୍ୟମରେ ପ୍ରଚାର ପ୍ରସାର ନିମନ୍ତେ ସରକାର କୌଣସି ପଦକ୍ଷେପ ନେଇଛନ୍ତି କି ; ଯଦି ଉତ୍ତର ହଁ କେଉଁ ସାହିତ୍ୟକଙ୍କ କେଉଁ ଗ୍ରନ୍ଥ, ପୁସ୍ତକକୁ ଭାଷାନ୍ତର, ଅନୁବାଦ ସହିତ ପ୍ରକାଶନ କରାଯାଇଛି ; ଯଦି ନା ତେବେ ଆଗାମୀ ଦିନରେ ଏ ଦିଗରେ ପଦକ୍ଷେପ ନେବେ କି ; ଯେପରି ବିଶ୍ୱ ସାହିତ୍ୟ ଗ୍ରନ୍ଥାମାଳାରେ ବୈଦେଶିକ ଓ ଜାତୀୟ ଭାଷା ସାହିତ୍ୟ ଓଡିଆ ପାଠକମାନଙ୍କ ନିକଟରେ ଉପଲବ୍ଧ ; ସେହିପରି ଓଡିଆ ଭାଷା ସାହିତ୍ୟର କେତେ ଓ କେଉଁ ପୁସ୍ତକ ଅନ୍ୟ ଜାତୀୟ ଓ ବୈଦେଶିକ ଭାଷାରେ ଉପଲବ୍ଧ କହିବେ କି?

----

## Odisha District Mineral Foundation Rules-2015 ର ତର୍ଜମା

588 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Odisha District Mineral Foundation Rules-2015 କୁ ସମସ୍ତ ଜିଲ୍ଲାରେ ସଠିକ୍ ଭାବେ କାର୍ଯ୍ୟ କରାଯାଇଛି କି ଏବଂ ଏହାର ତର୍ଜମା ରାଜ୍ୟସ୍ତରରେ କିଭଳି କେତେ ଅନ୍ତରରେ କରାଯାଇଛି ; ବିଗତ 5 ବର୍ଷ ମଧ୍ୟରେ କେଉଁ କେଉଁ ଜିଲ୍ଲାରେ କେଉଁ ବର୍ଷ ନିମନ୍ତେ କେତେ ବ୍ୟୟ ବରାଦର ବାର୍ଷିକ ବଜେଟ ଓ ଆକସନ୍ ପ୍ଲାନ୍ ପ୍ରସ୍ତୁତ କରାଯାଇ କେତେ ତମ ଟ୍ରଷ୍ଟ ବୋର୍ଡ ବୈଠକରେ କେତେ ତାରିଖରେ ଅନୁମୋଦନ ହୋଇଥିଲା ତାର ଜିଲ୍ଲା ଓ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ; ସମ୍ପୃକ୍ତ ବାର୍ଷିକ ବଜେଟରେ ବ୍ୟୟ ବରାଦ ମଧ୍ୟରୁ ସମୁଦାୟ କେତେ ବ୍ୟୟ ଅଟକଳର କେତେଗୋଟି ପ୍ରକଳ୍ପ ମଧ୍ୟରୁ କେତେଗୋଟି ପ୍ରକଳ୍ପର (ଦଶ କୋଟିରୁ କମ୍) ପ୍ରକଳ୍ପକୁ ଟ୍ରଷ୍ଟ ବୋର୍ଡ ଦ୍ୱାରା ଅନୁମୋଦନ କରାନଯାଇ ଟ୍ରଷ୍ଟର Executive Committee ର ଅଧ୍ୟକ୍ଷ ତଥା ଜିଲ୍ଲାପାଳଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା ତାର ବିବରଣୀ ଜିଲ୍ଲାୱାରୀ ପ୍ରଦାନ କରିବେ କି?

----

## ଦାରିଦ୍ର୍ୟ, ଲିଙ୍ଗଗତ ବୈଷମ୍ୟ ଆଦି ସମସ୍ୟାର ଦୂରୀକରଣ

589 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜାତୀୟ ହାର ତଥା ପଡୋଶୀ ରାଜ୍ୟମାନଙ୍କ ତୁଳନାରେ ଓଡିଶାରେ ଗତ 10 ବର୍ଷରେ ଦାରିଦ୍ର୍ୟ ହାର, ମୁଣ୍ଡପିଛା ଆୟ, ମୁଣ୍ଡପିଛା ଋଣ, କୃଷକଙ୍କ ମୁଣ୍ଡପିଛା ଆୟ, ଋଣଭାର, କୃଷି କ୍ଷେତ୍ରରେ ବିଜୁଳି ବ୍ୟବହାର ହାର, 5 ବର୍ଷରୁ କମ୍ ବୟସର ଶିଶୁଙ୍କ ଓଜନ ହାର, ସ୍ୱାଭାବିକ ଆୟୁଷ, ଲିଙ୍ଗଗତ ବୈଷମ୍ୟ ହାର, ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ (ଜିଏସଡିପି), କ୍ଷୁଧା ମାନଦଣ୍ଡ ହାର (State Hunger Index), ସ୍ୱାକ୍ଷରତା, ସ୍ୱାସ୍ଥ୍ୟସେବା ଜନିତ ବୀମା ହାର, ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ହାର ଆଦି କେତେ ସେସବୁର ବର୍ଷୱାରୀ ତଥ୍ୟ ଦେବେ କି ; ଆଗାମୀ କେତେ ବର୍ଷରେ ରାଜ୍ୟରୁ ଦାରିଦ୍ର୍ୟ, ଅଶିକ୍ଷା, କ୍ଷୁଧା, ଲିଙ୍ଗଗତ ବୈଷମ୍ୟ ଆଦି ସମସ୍ୟାର ଦୁରୀକରଣ ନିମନ୍ତେ ଯଦି ସରକାର କୌଣସି ଯୋଜନା ପ୍ରସ୍ତୁତ କରିଛନ୍ତି ତାର ବିବରଣୀ ଦେବେ କି?

----

## ଓଡିଆ ଭାଷାର ଗବେଷଣା, ପ୍ରଚାର, ପ୍ରସାର ନିମନ୍ତେ ଥିବା ପ୍ରସ୍ତାବ

590 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଆ ଭାଷାର ଗବେଷଣା, ପ୍ରଚାର, ପ୍ରସାର ଓ ଭିତ୍ତିଭୂମି ସୃଷ୍ଟି ତଥା କେନ୍ଦ୍ର ସରକାରଙ୍କ ଅନୁଦାନ ନିମନ୍ତେ ରାଜ୍ୟ ସରକାର କି କି ପ୍ରସ୍ତାବ ଦେଇଛନ୍ତି ; ସେଥିମଧ୍ୟରୁ କେଉଁ ପ୍ରସ୍ତାବକୁ ଅନୁମୋଦନ ମିଳିଛି ; ଭୁବନେଶ୍ୱରର ସର୍ଦ୍ଦାର ପଟେଲ ହଲଠାରେ ଶାସ୍ତ୍ରୀୟ ଓଡିଆ ପ୍ରତିଷ୍ଠାନର ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ଏବଂ କେନ୍ଦ୍ରୀୟ ବିଦ୍ୟାଳୟ, ହାଇଦ୍ରାବାଦ୍ ଓ କେନ୍ଦ୍ରୀୟ ବିଦ୍ୟାଳୟ, ଗାନ୍ଧୀନଗରରେ ଭକ୍ତକବି ମଧୁସୂଦନ ରାଓ ଓ କୁନ୍ତଳା କୁମାରୀ ସାବତଙ୍କ ନାମରେ 2ଟି ଓଡିଆ ଚେୟାର ପ୍ରତିଷ୍ଠା ସଂକ୍ରାନ୍ତ ପ୍ରସ୍ତାବରେ କି ଅଗ୍ରଗତି ହୋଇଛି ସେ ନେଇ ସୂଚନା ଦେବେ କି ; ଓଡିଆ ଭାଷାର ପ୍ରଚଳନ ବ୍ୟାପକ ନିମନ୍ତେ ଅଧିକ କର୍ମଚାରୀ, ଡିଟିପି ଅପରେଟର ଓ ଲିପିକାର ପଦବୀ ସୃଷ୍ଟି ପ୍ରସ୍ତାବକୁ କେଉଁ ସ୍ତରରେ ପ୍ରତ୍ୟାଖ୍ୟାନ କରାଗଲା କହିବେ କି?

----

## ନଦୀ ଗର୍ଭ ଜଳାଶୟ ନିର୍ମାଣ

591 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) " ନଦୀ ଗର୍ଭ ଜଳାଶୟ ନିର୍ମାଣ (Construction of In-Stream Storage Structure କାର୍ଯ୍ୟକ୍ରମରେ କେଉଁ ନଦୀର କେଉଁ ସ୍ଥାନରେ କେଉଁ ବର୍ଷ କେତେ ବ୍ୟୟ ଅଟକଳରେ କେତେଗୋଟି ନଦୀ ଗର୍ଭ ଜଳାଶୟ ନିର୍ମାଣ ନିମନ୍ତେ ପରିକଳ୍ପନା କରାଯାଇଥିଲା, ସଂପୃକ୍ତ କାର୍ଯ୍ୟକ୍ରମରେ ଧାର୍ଯ୍ୟଲକ୍ଷ୍ୟ ମୁତାବକ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଜଳାଶୟ ନିର୍ମାଣ ନହୋଇପାରିବାର ପ୍ରମୁଖ କାରଣ କ'ଣ, କେଉଁ ଜଳାଶୟ ପ୍ରକଳ୍ପ ନିମନ୍ତେ ବଜେଟରେ ଅର୍ଥ ବ୍ୟବସ୍ଥା ଓ ସାଂପ୍ରତିକ ସ୍ଥିତାବସ୍ଥା ସମ୍ପର୍କରେ ଅବଗତ କରିବା ସହ କେବେସୁଦ୍ଧା କେଉଁ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହେବ ତାହା ଅବଗତ କରିବେ କି, (ଖ) କେଉଁ ନଦୀଗର୍ଭ ଜଳାଶୟ ପ୍ରକଳ୍ପର ସର୍ଭେ, ଡିଜାଇନ୍, ନକ୍ସା ଓ ବ୍ୟୟ ଅଟକଳ କେଉଁ କେଉଁ ସଂସ୍ଥା ଦ୍ୱାରା କେବେ ପ୍ରସ୍ତୁତ କରାଯାଇଥିଲା ଓ ଏ ବାବଦରେ କେତେ ବ୍ୟୟ ହୋଇଥିଲା ତାହା ପ୍ରକାଶ କରିବେ କି ?

----

## ବିଜ୍ଞାପନ ବାବଦକୁ ଖର୍ଚ୍ଚର ବିବରଣୀ

592 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) 2017-18 ବର୍ଷରୁ ଚଳିତ ବର୍ଷ ମଧ୍ୟରେ କେଉଁ କେଉଁ ବିଭାଗର କେତେଗୋଟି ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ଉତ୍ସବର ପ୍ରଚାର ପ୍ରସାର ପାଇଁ (ଛାପା ଗଣମାଧ୍ୟମରେ) କେତେ ଅର୍ଥ ବିଜ୍ଞାପନ ବାବଦକୁ ଖର୍ଚ୍ଚ କରାଯାଇଛି ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ସଂପୃକ୍ତ ବର୍ଷ ମାନଙ୍କରେ ସରକାରଙ୍କ ଜନହିତକାରୀ ଯୋଜନାର ସଚେତନତା ସୃଷ୍ଟି ନିମନ୍ତେ ପ୍ରଚାର ପ୍ରସାର ବାବଦକୁ ଛାପା ଗଣମାଧ୍ୟମକୁ ଓ ବୈଦ୍ୟୁତିକ ଗଣମାଧ୍ୟମକୁ କେତେ କେତେ ଓ ହୋଡିଂ ମାଧ୍ୟମରେ ବିଜ୍ଞାପନ ବାବଦକୁ କେତେ କେତେ ଅର୍ଥ କେଉଁ ବର୍ଷ ବ୍ୟୟ କରାଯାଇଛି ତାର ଏକ ବିବରଣୀ ପ୍ରଦାନ କରିବେ କି ?

----

## ଆନ୍ତର୍ଜାତୀୟ ହକି ଫେଡେରେସନ ପାଇଁ ପ୍ରସ୍ତୁତିର ରୂପରେଖ

593 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଓଡିଶାରେ ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତୀୟ ହକି ଫେଡେରେସନ, ପୁରୁଷ ହକି ବିଶ୍ୱକପ୍ – ୨୦୨୩ ପାଇଁ ରାଜ୍ୟର ପ୍ରସ୍ତୁତିର ରୂପରେଖ କ'ଣ ନିର୍ଦ୍ଧାରଣ କରାଯାଇଛି, କେଉଁ କେଉଁ ବାବଦରେ କେବେ ସୁଦ୍ଧା କେତେ ଅର୍ଥ ବ୍ୟୟ କରିବା ପାଇଁ ସ୍ଥିର କରାଯାଇଛି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି, ବ୍ୟୟ ହେବାକୁ ଥିବା ଅର୍ଥ କେଉଁ କେଉଁ ସୂତ୍ରରୁ କେତେ ସଂଗ୍ରହ କରାଯିବ ତାହା ପ୍ରକାଶ କରିବେ କି ?

----

## ନଦୀ ବନ୍ଧ ଏବଂ କେନାଲ୍ ରାସ୍ତାର ପରିମାଣ

594 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ରାଜ୍ୟର କେଉଁ ଜିଲ୍ଲାରେ କେତେ କିମି ନଦୀ ବନ୍ଧ ଏବଂ କେନାଲ୍ ରାସ୍ତା ରହିଅଛି, ସଂପୃକ୍ତ ନଦୀବନ୍ଧ ଓ କେନାଲ ରାସ୍ତାର ଉନ୍ନତିକରଣ ନିମନ୍ତେ ମରାମତି ନିମନ୍ତେ ଏବଂ ସ୍ୱତନ୍ତ୍ର ମରାମତି ନିମନ୍ତେ ୨୦୧୮-୧୯ ଓ ୨୦୨୧-୨୨ ବର୍ଷ ମଧ୍ୟରେ କେତେ ଅର୍ଥ ବ୍ୟୟ କରାଯାଇଛି, ହାରାହାରି କିମି ପିଛା କେତେ ଅର୍ଥ ଓ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ସମୁଦାୟ ନଦୀବନ୍ଧ ଓ କେନାଲ ରାସ୍ତା ମଧ୍ୟରୁ କେତେ କିମି. କେନାଲ ଓ ନଦୀବନ୍ଧ ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବା ସହ ଚଳିତ ବର୍ଷ କେତେ କି.ମି. କେନାଲ ବନ୍ଧରେ ବୃକ୍ଷରୋପଣ ଯୋଜନା ରହିଛି ତାହା ପ୍ରକାଶ କରିବେ କି ?

----

## କଳା, ସଂସ୍କୃତି ପରମ୍ପରାକୁ ବଜାୟ ରଖିବା ପାଇଁ ଯୋଜନା

595 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବିଭିନ୍ନ କଳା, ସଂସ୍କୃତି ପରମ୍ପରାକୁ ବଜାୟ ରଖିବା ପାଇଁ ଉଜୀବିତ କରି ରଖିବା ପାଇଁ ସରକାରଙ୍କ ଯୋଜନା କ'ଣ, ଏଥିପାଇଁ କି ପଦକ୍ଷେପ ନେଇଛନ୍ତି ଓ ନେବାକୁ ଯାଉଛନ୍ତି ତାର ବିଶଦ ବିବରଣୀ ପ୍ରଦାନ କରିବେ କି, (ଖ) ମୟୁରଭଞ୍ଜର ବିଭିନ୍ନ ସାଂସ୍କୃତିକ ସଂଘ/ ସାଂସ୍କୃତିକ ଅନୁଷ୍ଠାନ / ଯୁବ ଅନୁଷ୍ଠାନ ଗୁଡିକର ଉନ୍ନତି ସକାଶେ ଏବଂ ଉପକରଣ କ୍ରୟ ନିମନ୍ତେ ବିଗତ ୫ ବର୍ଷ ମଧ୍ୟରେ କେତେ ଅର୍ଥ ଯୋଗାଇ ଦେଇଛନ୍ତି, ସଂପୃକ୍ତ ଅର୍ଥର ସଠିକ୍ ଭାବେ ଉପଯୋଗ ହୋଇଛି କି ନାହିଁ ତାର ମୂଲ୍ୟାୟନ ହୋଇଛି କି ଏ ସମ୍ପର୍କୀତ ଅନୁଷ୍ଠାନୱାରୀ ଜଣାଇବେ କି ?

----

## କାର୍ଯ୍ୟକାରୀ ହେଉଥିବା ଯୋଜନା ସଂଖ୍ୟା

596 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା କେତେଗୋଟି ଯୋଜନା କାର୍ଯ୍ୟକାରୀ ହେଉଛି, ସଂପୃକ୍ତ ଯୋଜନାର ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ ବର୍ଷର ବାର୍ଷିକ ବଜେଟ ଅଟକଳ କେତେ ପ୍ରତିଶତ ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା ବାବଦରେ ବ୍ୟୟ ବରାଦ କରିଥିଲେ ଏବଂ କେତେ ବ୍ୟୟ ହୋଇଥିଲା ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି, ବଜେଟ ବ୍ୟୟ ବରାଦର ଅନୁଯାୟୀ ଖର୍ଚ୍ଚ ନହେବାର ପ୍ରମୁଖ କାରଣ କ'ଣ ଓ ତାର ନିରାକରଣ ନିମନ୍ତେ ସରକାର କି ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିଛନ୍ତି ଓ କରିବାକୁ ଯାଉଛନ୍ତି ତାହା ପ୍ରକାଶ କରିବେ କି ?

----

## ଭୁବନେଶ୍ୱରଠାରୁ ଶରଣକୂଳ ପର୍ଯ୍ୟନ୍ତ ବସ ଚଳାଚଳ

597 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଦେଇ ଭୁବନେଶ୍ୱର ଠାରୁ ଶରଣକୂଳ ପର୍ଯ୍ୟନ୍ତ ଦୁଇଗୋଟି ସରକାରୀ ବସ ଚାଲୁ କରିବା ବିଷୟରେ ପଚାରିଥିବା U.D. No. 1299 ତା 09.12.2021 ପ୍ରଶ୍ନର ଉତ୍ତରରେ ଜଣାଇଥିଲେ କି ରାଜ୍ୟ ସଡ଼କ ପରିବହନ ନିଗମର ଗୋଟିଏ ବସ ପୁରୀଠାରୁ ରଣପୁର ନିର୍ବାଚନ ମଣ୍ଡଳୀ ଦେଇ ଦୈନିକ ଆସ୍କା ପର୍ଯ୍ୟନ୍ତ ଚଳାଚଳ କରୁଅଛି, ସେହି ମାର୍ଗରେ ଅଧିକ ସଂଖ୍ୟକ ବସ ଚଳାଚଳ ପାଇଁ ନିଗମ ପ୍ରସ୍ତାବ ରଖିଛି, ଏଣୁ ନିଗମ ରଖିଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରି ଯଥାଶ୍ରୀଘ୍ର ଦୁଇଗୋଟି ବସ ସେହି ମାର୍ଗରେ ଚଳାଚଳ କରିବାପାଇଁ ନିର୍ଦ୍ଦେଶ ଦେବେ କି ?

----

## ହଜବନ୍ଧର କେନାଲ ନିର୍ମାଣ

598 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପ୍ରଶ୍ନ U.D. ନଂ, 294 ତା 02.12. 2021 ରିଖର ଉତ୍ତରରେ କହିଥିଲେ କି ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ବ୍ଲକ ଅନ୍ତର୍ଗତ ବ୍ରଜରାଜପୁର ପଞ୍ଚାୟତର ଲତାର ହଜବନ୍ଧ କ୍ଷୁଦ୍ର, ଜଳସେଚନ ପ୍ରକଳ୍ପର କେନାଲ କାର୍ଯ୍ୟ RD 30 ମି ରୁ 400 ମି ପର୍ଯ୍ୟନ୍ତ ସରିଛି କିନ୍ତୁ ମୁଖ୍ୟ ରେଗୁଲେଟର ଏବଂ RD 00 ମି ରୁ 30 ମି ପର୍ଯ୍ୟନ୍ତ କେନାଲ କାର୍ଯ୍ୟପାଇଁ ଆବଶ୍ୟକ ଜମି ଅଧିଗ୍ରହଣରେ ସମସ୍ୟା ଯୋଗୁଁ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ ଜମି ଅଧିଗ୍ରହଣ ନିମନ୍ତେ ପ୍ରୟାସ ଜାରି ରହିଛି, ଇତି ମଧ୍ୟରେ ଏ ଦିଗରେ କଣ ଅଗ୍ରଗତି ହୋଇଛି ଏବଂ କେବେସୁଦ୍ଧା ହଜବନ୍ଧର କେନାଲ ନିର୍ମାଣ କରାଯିବ ଜଣାଇବେ କି ?

----

## କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ

599 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପ୍ରଶ୍ନ U.D. ସଂଖ୍ୟା 191 ତା 02 . 12. 2021 ର ଉତ୍ତରରେ କହିଥିଲେ କି ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ବ୍ଲକର ଖତିଆ ପଞ୍ଚାୟତର ସିଆରିଖାଲ ଓ ମଝିଆଖଣ୍ଡ କ୍ଷୁଦ୍ର ପଞ୍ଚାୟତର ବାଙ୍କନାଳିଆ କଙ୍ଗଡ଼ା ବନ୍ଧରେ ନୂତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରିବାପାଇଁ ଆବଶ୍ୟକୀୟ ସର୍ଭେ କାର୍ଯ୍ୟ ଖରିଫ ଫସଲ ଅମଳପରେ ଆରମ୍ଭ କରାଯିବ ଇତି ମଧ୍ୟରେ ଏ ଦିଗରେ କଣ ଅଗ୍ରଗତି ହୋଇଛି ଏବଂ କେବେସୁଦ୍ଧା ସର୍ଭେ କରାଯାଇ ସିଆରିଖାଲ ଏବଂ ବାଙ୍କନାଳିଆ କଙ୍ଗଡା ବନ୍ଧରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବ ଜଣାଇବେ କି ?

----

## ରଣପୁର ସହରରେ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ

600 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ବ୍ଲକର ରଣପୁର ସହରରେ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ କରିବାପାଇଁ ସ୍ଥାନ ଚିହ୍ନଟ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ, ଏଣୁ ରଣପୁର ସହରରେ ଆଦର୍ଶ ବସଷ୍ଟାଣ୍ଡ ତୁରନ୍ତ ନିର୍ମାଣ କରିବାପାଇଁ ନିର୍ଦ୍ଦେଶ ଦେବେ କି ?

----

## ରାଜସୁନାଖଳାଠାରୁ କାଳୁପଡ଼ା ପର୍ଯ୍ୟନ୍ତ ରେଳପଥ ନିର୍ମାଣ ପାଇଁ ଦାବୀ

601 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନୟାଗଡ଼ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳା ଏବଂ ଖୋର୍ଦ୍ଧା ଜିଲ୍ଲାର କାଳୁପଡ଼ା ବ୍ୟବସାୟୀକ ସହର ଦୁଇଟିକୁ ରେଳପଥ ଦ୍ୱାରା ସଂଯୋଗ କରିବା ପାଇଁ ଜନସାଧାରଣ ଦାବୀ କରୁଥିବାରୁ ରାଜସୁନାଖଳାଠାରୁ କାଳୁପଡ଼ା ପର୍ଯ୍ୟନ୍ତ ରେଳପଥ ନିର୍ମାଣ ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିବେ କି ?

----

## ମେରାମୁଣ୍ଡଳୀ ରେଳ ଷ୍ଟେସନକୁ ଗାନ୍ଧୀ ଐତିହ୍ୟ ରେଳ ଷ୍ଟେସନର ମାନ୍ୟତା

602 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢେଙ୍କାନାଳ ଜିଲ୍ଲାର ଐତିହ୍ୟ ସମ୍ପନ୍ନ ସର୍ବପୁରାତନ ମେରାମୁଣ୍ଡଳୀ ରେଳ ଷ୍ଟେସନ ଯେଉଁଠାରେ ୧୯୩୪ ମସିହା ମଇ ମାସ ୬ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ପହଞ୍ଚି ରେଳ ଯୋଗେ ପୁରୀ ଯାତ୍ରା କରିଥଲେ, ଏହି ରେଳ ଷ୍ଟେସନ୍‌କୁ ଗାନ୍ଧୀ ଐତିହ୍ୟ ରେଳ ଷ୍ଟେସନର ମାନ୍ୟତା ଦେଇ ତାହାର ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଢେଙ୍କାନାଳ ଜିଲ୍ଲାର ବରପୁତ୍ରମାନଙ୍କ ଉପରେ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ

603 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢେଙ୍କାନାଳ ଜିଲ୍ଲାର ବରପୁତ୍ର ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ, ବୀର ବୈଷ୍ଣବ ପଟ୍ଟନାୟକ, କବି ବ୍ରଜନାଥ ବଡ଼ଜେନା, ସଂଗ୍ରାମୀ ମୂଷା ମଲ୍ଲିକ, ମହେଶ୍ୱର ସୁବାହୁ ସିଂହଙ୍କ ଉପରେ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ରାଜ୍ୟ ଅଭିଲେଖାଗାରର ନାମକରଣ

604 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢେଙ୍କାନାଳର ବରପୁତ୍ର ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ନାମରେ ରାଜ୍ୟ ଅଭିଲେଖାଗାରକୁ ନାମିତ କରିବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଢେଙ୍କାନାଳଠାରେ ପ୍ରେକ୍ଷାଳୟ ଓ ସୂଚନା କେନ୍ଦ୍ର ପାଠାଗାର ପ୍ରତିଷ୍ଠା

605 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢେଙ୍କାନାଳଠାରେ ଭୁବନେଶ୍ୱର ଜୟଦେବ ଭବନ ଢାଞ୍ଚାରେ ଏକ ଅତ୍ୟାଧୁନିକ ପ୍ରେକ୍ଷାଳୟ ଓ ସୂଚନା କେନ୍ଦ୍ର ପାଠାଗାର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଗଁଦିଆ ବ୍ଲକକୁ ସ୍ୱତନ୍ତ୍ର ବ୍ଲକର ମାନ୍ୟତା

606 **ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ)ः**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଆଦିବାସୀ ବହୁଳ ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକକୁ ସ୍ୱତନ୍ତ୍ର ବ୍ଲକର ମାନ୍ୟତା ଦେଇ ଏଠାର ଜନସାଧାରଣଙ୍କ ଆର୍ଥିକ ପ୍ରଗତି ପାଇଁ ସରକାର ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କଳାହାଣ୍ଡି ଗ୍ରାମାଞ୍ଚଳକୁ ବସ୍ ସେବା

607 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ः**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଗ୍ରାମାଞ୍ଚଳକୁ ଯାତ୍ରୀବାହୀ ବସ୍ ସେବା ପ୍ରଚଳନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଶହୀଦ୍ ରେଣ୍ଡୋ ମାଝୀଙ୍କ ଉପରେ ଡାକ ଟିକଟ୍ ପ୍ରଚଳନ

608 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ः**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଶହୀଦ୍ ରେଣ୍ଡୋ ମାଝୀଙ୍କ ଉପରେ ଡାକ ଟିକଟ୍ ପ୍ରଚଳନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କଳାହାଣ୍ଡିରେ ସୂଚନାକେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା

609 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ः**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- କଳାହାଣ୍ଡି ଜିଲ୍ଲାର କେଉଁ ବ୍ଲକରେ ସୂଚନାକେନ୍ଦ୍ର ଓ ପାଠାଗାର ଖୋଲାଯାଇନାହିଁ ପ୍ରକାଶ କରି ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ସୂଚନା କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଉଚ୍ଛେଦ ହୋଇଥିବା ପଦବୀ ପୂରଣ

610 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ः**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସହିତ ବିଭାଗ ଅଧିନସ୍ଥ କେଉଁ ପାଠାଗାରରେ କେଉଁ କେଉଁ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲିଅଛି ଓ ବିଗତ ଦିନରେ କେଉଁ କେଉଁ ମଂଜୁରୀପ୍ରାପ୍ତ ପଦବୀରୁ କେତେ ପଦବୀ ଉଚ୍ଛେଦ ହୋଇଛି ପ୍ରକାଶ କରି ରାଜ୍ୟରେ ପାଠାଗାର ଆନ୍ଦୋଳନକୁ ବିକଶିତ କରିବା ଲକ୍ଷ୍ୟରେ ଉଚ୍ଛେଦ ହୋଇଥିବା ପଦବୀକୁ ପୁନଃବାହାର କରି ଖାଲିଥିବା ପଦବୀ ପୂରଣ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବେ କି ?

----

## ଗ୍ରାମାଞ୍ଚଳ କ୍ରୀଡା ଭିତ୍ତିଭୂମି ଉନ୍ନୟନ

611 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ः**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ ଗ୍ରାମାଞ୍ଚଳ କ୍ରୀଡା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ଯୋଜନା କରୁଛନ୍ତି?

----

## ଅଧିକ ଜମିକୁ ଜଳସେଚନ ସୁବିଧା ପ୍ରଦାନ

612 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ः**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ମାନଜୋର ଜଳସେଚନ ପ୍ରକଳ୍ପର କେନାଲ ସଂପ୍ରସାରଣ ଭିତ୍ତିଭୂମି ଉନ୍ନୟନ ପୂର୍ବକ ଅଧିକ ଜମିକୁ ଜଳସେଚନ ସୁବିଧା ଦେବା ପାଇଁ ସରକାର କି ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି?

----

## ଆଠମଲ୍ଲିକରୁ ବସ ଚଳାଚଳ

613 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ः**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଠମଲ୍ଲିକରୁ ପୁରୀ ଓ ଭୁବନେଶ୍ୱରକୁ ଅଧିକ ସଂଖ୍ୟକ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ବସ ଚଳାଚଳ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏହା କେବେଠାରୁ କାର୍ଯ୍ୟକାରୀ କରାଯିବ?

----

## ପବିତ୍ର ମୋହନ ପ୍ରଧାନଙ୍କ ଉପରେ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ

614 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ः**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଡଜାତ ଗାନ୍ଧୀ ସାରଙ୍ଗଧର ଦାସ ଓ ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନ ନେତା ପବିତ୍ର ମୋହନ ପ୍ରଧାନଙ୍କ ଉପରେ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ସୂଚନା କେନ୍ଦ୍ର ଓ ପାଠାଗାରର ଉନ୍ନତିକରଣ

615 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ः**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ଆଠମଲ୍ଲିକ ଓ ବାମୁରଠାରେ ଥିବା ସୂଚନା କେନ୍ଦ୍ର ଓ ପାଠାଗାରର ଉନ୍ନତିକରଣ ପୂର୍ବକ ଏଠାରେ କ୍ଲର୍କ ଲାଇବ୍ରେରିଆନ୍ ଓ ଅନ୍ୟ ପଦବୀ ପୂରଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଲୋକକଳା ଲଉଡିର ବିକାଶ

616 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ଆଧ୍ୟାତ୍ମିକ ଲୋକକଳା ଲଉଡିର ବିକାଶ ସାଧନ ସହ ରାଜଧାନୀ ଭୁବନେଶ୍ୱରରେ ଏକ ରାଜ୍ୟସ୍ତରୀୟ ଲଉଡି ଉତ୍ସବ ଆୟୋଜନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ରେଳ ଷ୍ଟେସନର ଆଧୁନିକୀକରଣ

617 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଗତପୁର, କପିଳାଶ ରୋଡ ରେଳ ଷ୍ଟେସନର ଆଧୁନିକୀକରଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ

618 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଉତ୍କଳ ଗୌରବ ମଧୁସୂଦନ ଦାସ, ସୁରେନ୍ଦ୍ର ମହାନ୍ତି, ସାରଙ୍ଗଧର ଦାସ, ରବି ରାୟଙ୍କ ଉପରେ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପାଲାଗାୟକ ବାୟକ ଓ ପାଳିଆମାନଙ୍କୁ ସମ୍ମାନିତ

619 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପାଲା, ସଂସ୍କୃତିର ବିକାଶ ସହିତ ପ୍ରତିଷ୍ଠିତ ପାଲାଗାୟକ, ବାୟକ ଓ ପାଳିଆମାନଙ୍କୁ ସମ୍ମାନିତ କରିବା ପାଇଁ ସରକାରଙ୍କ ଯୋଜନା ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଅଧିକ ସଂଖ୍ୟକ ବରପୁତ୍ରଙ୍କର ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ

620 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ରାଜ୍ୟ ଓ ଜିଲ୍ଲାସ୍ତରରେ କେଉଁ କେଉଁ ବରପୁତ୍ରମାନଙ୍କର ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ କରାଯାଉଛି, ଅଧିକ ସଂଖ୍ୟକ ବରପୁତ୍ରଙ୍କର ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ସରକାର ବ୍ୟବସ୍ଥା କରିବେକି?

----

## ସାଲେପୁରରେ କ୍ରୀଡା ଭିତ୍ତିଭୂମି ଉନ୍ନୟନ

621 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସାଲେପୁର ନିର୍ବାଚନମଣ୍ଡଳୀରେ କ୍ରୀଡା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଭଦ୍ରକ ରେଳ ଷ୍ଟେସନକୁ ଗାନ୍ଧୀ ଐତିହ୍ୟ ରେଳଷ୍ଟେସନର ମାନ୍ୟତା

622 **ଶ୍ରୀ ସଞ୍ଜୀବ କୁମାର ମଲ୍ଲିକ (ଭଦ୍ରକ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 1921 ମସିହା ମାର୍ଚ୍ଚ ମାସ 21 ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ଓଡିଶାର ଭଦ୍ରକ ରେଳ ଷ୍ଟେସନରେ ସର୍ବପ୍ରଥମେ ପଦାର୍ପଣ କରିଥିବା ପରିପ୍ରେକ୍ଷୀରେ ଭଦ୍ରକ ରେଳଷ୍ଟେସନକୁ ଗାନ୍ଧୀ ଐତିହ୍ୟ ରେଳଷ୍ଟେସନର ମାନ୍ୟତା ଦେଇ ଏହାର ବିକାଶ ସାଧନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଭଦ୍ରକ ଜିଲ୍ଲାର ବରପୁତ୍ରଙ୍କ ଉପରେ ସ୍ୱତନ୍ତ୍ର ଡାକଟିକେଟ ପ୍ରଚଳନ

623 **ଶ୍ରୀ ସଞ୍ଜୀବ କୁମାର ମଲ୍ଲିକ (ଭଦ୍ରକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭଦ୍ରକ ଜିଲ୍ଲାର ବରପୁତ୍ର ପ୍ରଫେସର ଶତ୍ରୁଘ୍ନନାଥ, ଡଃ ହରେକୃଷ୍ଣ ମହାତାବ, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, କବିଶେଖର ଚିନ୍ତାମଣି ମହାନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଉପରେ ସ୍ୱତନ୍ତ୍ର ଡାକଟିକେଟ ପ୍ରଚଳନ ପାଇଁ ସରକାର ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଭୁବନେଶ୍ୱରରେ ପ୍ରତିମୂର୍ତ୍ତି ପ୍ରତିଷ୍ଠା

624 **ଶ୍ରୀ ସଞ୍ଜୀବ କୁମାର ମଲ୍ଲିକ (ଭଦ୍ରକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର ବରପୁତ୍ର ପ୍ରଫେସର ଶତ୍ରୁଘ୍ନ ନାଥ, କବିଶେଖର ଚିନ୍ତାମଣି ମହାନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ବିପ୍ଳବୀ ଚକ୍ରଧର ବେହେରା, ବୈଜ୍ଞାନିକ ଗୋକୁଳାନନ୍ଦ ମହାପାତ୍ରଙ୍କ ସ୍ମୃତିରକ୍ଷା ସହ ତାଙ୍କର ଜୟନ୍ତୀ ଶ୍ରାଦ୍ଧୋତ୍ସବ ପାଳନ ପୂର୍ବକ ସେମାନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ନିରାପଦ ନୌପରିବହନ ବ୍ୟବସ୍ଥା

625 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ ନିରାପଦ ନୌପରିବହନ ବ୍ୟବସ୍ଥା ସଂପାଦନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ଡ୍ରେନେଜ ବ୍ୟବସ୍ଥାକୁ ସୁସମ୍ପାଦନ

626 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ ଡ୍ରେନେଜ ବ୍ୟବସ୍ଥାକୁ ସୁସମ୍ପାଦନପୂର୍ବକ ଜଳ ନିଷ୍କାସନ ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ବନ୍ଦର ନିର୍ମାଣ

627 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ବୃହତ, କ୍ଷୁଦ୍ର ଓ କେତୋଟି ନୂତନ ବନ୍ଦର ନିର୍ମାଣ କରିବା ପାଇଁ ସରକାର ବିଚାର କରୁଛନ୍ତି, ଉକ୍ତ ବନ୍ଦରଗୁଡିକର ନିର୍ମାଣର ଅଗ୍ରଗତି ସଂପର୍କରେ ସୂଚନା ଦେବେ କି, ରାଜ୍ୟରେ ନଦୀ ବନ୍ଦର ନିର୍ମାଣ ପାଇଁ ସରକାରଙ୍କର ଯୋଜନା କଣ, ରାଜ୍ୟର ପ୍ରଥମ ନଦୀ ବନ୍ଦର ଚାନ୍ଦବାଲିର ଭବିଷ୍ୟତ ସଂପର୍କରେ ସୂଚନା ଦେବେକି, ଚୂଡାମଣି ବନ୍ଦର ନିର୍ମାଣରେ ବିଳମ୍ବ ହେବାର କାରଣ କଣ?

----

## ମୁଣ୍ଡ ପିଛା ଆୟ ଓ ବ୍ୟୟର ପରିମାଣ

628 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ରାଜ୍ୟରେ ମୁଣ୍ଡ ପିଛା ଆୟ ଓ ବ୍ୟୟ କେତେ, BPL ଲୋକଙ୍କର ଆୟ ବୃଦ୍ଧି ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି (ଖ) ରାଜ୍ୟର ରାଜସ୍ୱ ବୃଦ୍ଧି ପାଇଁ ସରକାରଙ୍କ କଣ ପ୍ରସ୍ତାବ ରହିଛି ଓ ବିଶେଷକରି ପରିବହନ ରାଜସ୍ୱ ବୃଦ୍ଧି ପାଇଁ ଯୋଜନା କଣ?

----

## ସମୁଦାୟ ନଦୀର ସଂଖ୍ୟା

629 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ)ː**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ସମୁଦାୟ ବଡ଼ନଦୀ, ଉପନଦୀ, ଶାଖା ନଦୀର ସଂଖ୍ୟା କେତେ ରାଜ୍ୟକୁ ବନ୍ୟା ଓ ମରୁଡ଼ି ଦାଉରୁ ରକ୍ଷା କରିବାପାଇଁ ସରକାରଙ୍କ ବନ୍ୟା ନିୟନ୍ତ୍ରଣ ଓ ଜଳସେଚନପାଇଁ କ'ଣ କ'ଣ ଯୋଜନା ହୋଇଛି କହିବେ କି; ଚଳିତ ଆର୍ଥୀକ ବର୍ଷରେ କେତୋଟି କାର୍ଯ୍ୟରତ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାର ପ୍ରସ୍ତାବ ରହିଛି ଓ ଏହାଦ୍ୱାରା କେତେ ହେକ୍ଟର ଜମିରେ ଜଳସେଚନର ସୁବିଧା କରାଯାଇପାରିବ ତତସହିତ କେତୋଟି ନୂତନ L.I. Point ପ୍ରତିଷ୍ଠା ଓ କେତୋଟି ଅଚଳ L.I. Point କୁ ସଚଳ କରିବାର ଯୋଜନା ଅଛି ?

----

## ସମୁଦାୟ ଜଳସେଚନ ହୋଇଥିବା ଜମିର ପରିମାଣ

630 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ)ː**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ରାଜ୍ୟରେ ସମୁଦାୟ ଏ ଯାବତ କେତେ ହେକ୍ଟର ଜମିକୁ ଜଳସେଚନର ସୁବିଧା ପ୍ରଦାନ କରାଯାଇଛି ଓ 2010 ମସିହା ବେଳେ ଏହାର ସ୍ଥିତି କ'ଣ ଥିଲା ଏହି ସମୟ ମଧ୍ୟରେ ରାଜ୍ୟରେ ଜଳସେଚନରେ କେତେ ଅର୍ଥ ବ୍ୟୟ କରାଯାଇଛି; ବଲାଙ୍ଗିର ଜିଲ୍ଲାପାଇଁ ଜଳସେଚନ କ୍ଷେତ୍ରରେ ସ୍ୱତନ୍ତ୍ର ଯୋଜନା ସହ ଅଧିକ ଆର୍ଥିକ ବ୍ୟବସ୍ଥା କରିବାପାଇଁ ପଦକ୍ଷେପ ନେବେ କି; (ଖ) ହଦଗତ ଡ୍ୟାମର Renovation ପାଇଁ ସରକାରଙ୍କର ପ୍ରସ୍ତାବ ଅଛି କି; ହଦଗଡ଼ ଡ୍ୟାମରୁ ଜଳବିଦ୍ୟୁତ ଉତ୍ପାଦନର କୌଣସି ସମ୍ଭାବନା ଅଛି କି ?

----

## ସରକାରୀ ଓ ଘରୋଇ ବସ ସଂଖ୍ୟା

631 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ)ː**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ସମୁଦାୟ ସରକାରୀ ଓ ଘରୋଇ ବସ ସଂଖ୍ୟା କେତେ ଓ କେତୋଟି ରୁଟରେ ଏହି ବସଗୁଡ଼ିକ ଯାତାୟତ କରୁଛି ଓ ତନ୍ମଧ୍ୟରୁ କେତୋଟି Inter - State Route ଅଛି ; OSRTC ଦ୍ୱାରା ପରିଚାଳିତ ବସଗୁଡ଼ିକର Per Kilo Meter ଆୟ ବ୍ୟୟ କେତେ ଓ ସମୁଦାୟ କର୍ମଚାରୀ ସଂଖ୍ୟା କେତେ ; ରାଜ୍ୟରେ ପଞ୍ଜିକୃତ ସମସ୍ତ କିସମର ଯାନ ସଂଖ୍ୟା କେତେ ; ମଞ୍ଜୁରୀ ରୋଡ଼ରୁ ଭୁବନେଶ୍ୱରକୁ OSRTCର ଏକ ବସ ଚଳାଚଳ ପାଇଁ ବିଚାର କରିବେ କି ?

----

## ଖୁଣ୍ଟେଶ୍ୱରୀ Hill Top ଠାରେ ECO Retreat ନିର୍ମାଣ

632 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର Sorada Block ର ଖୁଣ୍ଟେଶ୍ୱରୀ Hill Top ଠାରେ ECO Retreat ନିର୍ମାଣ ପାଇଁ ସରକାର ପଦକ୍ଷେପ ନେବେ କି; ସମ୍ପୂର୍ଣ୍ଣ ତଥ୍ୟ ଜଣାଇବେ କି ?

----

## Sorada to Puri ପର୍ଯ୍ୟନ୍ତ ବସ ଚଳାଚଳ

633 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର ରାଜ୍ୟସରକାର ତରଫରୁ Sorada to Puri ପର୍ଯ୍ୟନ୍ତ ଏକ ବସ ପକାଇବା ପାଇଁ ପଦକ୍ଷେପ ନେବେ କି; ସମ୍ପୂର୍ଣ୍ଣ ତଥ୍ୟ ଜଣାଇବେ କି ?

----

## ଦିଆଯାଇଥିବା ଅର୍ଥର ତାଲିକା

634 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାର Sorada ନିର୍ବାଚନ ମଣ୍ଡଳୀ ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ 1.01. 2019 to 1. 03.22 ପର୍ଯ୍ୟନ୍ତ ପର୍ଯ୍ୟଟନ ବିଭାଗ ତରଫରୁ କେତେ ଅର୍ଥ ଦିଆଯାଇ ଅଛି ତାର ଏକ ତାଲିକା ଜଣାଇବେ କି ?

----

## ବଡ଼ଗଡ଼ ଗ୍ରାମ ପଞ୍ଚାୟତରେ ମିନିଷ୍ଟାଡ଼ିୟମ ନିର୍ମାଣ

635 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାରଙ୍କ Sorada Block ର ବଡ଼ଗଡ଼ ଗ୍ରାମପଞ୍ଚାୟତରେ ଏକ କ୍ରୀଡ଼ାର ବିକାଶ ପାଇଁ ମିନିଷ୍ଟାଡ଼ିୟମ ନିର୍ମାଣ କରିବାପାଇଁ ସରକାର ପଦକ୍ଷେପ ନେବେ କି ସମ୍ପୂର୍ଣ୍ଣ ତଥ୍ୟ ଜଣାଇବେ କି ?

----

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା Estimate approved

636 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାର MLA LAD/ MP LAD SPF ରେ ଯେଉଁ Project ଦିଆଯାଉ ଅଛି NAC ପରିସରରେ 10 ଲକ୍ଷ ପର୍ଯ୍ୟନ୍ତ କାର୍ଯ୍ୟନିର୍ବାହୀ ଅଧିକାରୀକୁ Estimate (ଏଷ୍ଟିମେଟକୁ) approved କରିବାପାଇଁ ସରକାର ପଦକ୍ଷେପ ନେବେ କି ସମ୍ପୂର୍ଣ୍ଣ ତଥ୍ୟ ଜଣାଇବେ କି ?

----

## ବିଜୁ ପଟ୍ଟନାୟକ ମଲଟି ପର୍ପସ ଇଣ୍ଡୋର ଷ୍ଟାଡ଼ିୟମ ନିର୍ମାଣ

637 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ମ୍ୟୁନିସପାଲିଟି ଅଧିନସ୍ଥ 10 ନମ୍ବର ୱାର୍ଡ଼ ଷ୍ଟାଡ଼ିୟମରେ ବିଜୁ ପଟ୍ଟନାୟକ ମଲଟି ପର୍ପସ ଇଣ୍ଡୋର ଷ୍ଟାଡ଼ିୟମ ନିର୍ମାଣ ସକାଶେ ସମ୍ପୂର୍ଣ୍ଣ ଅଟକଳର ଅର୍ଥ ପରିମାଣ କେତେ ତାହା ଟେଣ୍ଡରପରେ ଠିକାଦାର ସଂସ୍ଥା ସହିତ ନିର୍ମାଣ ପାଇଁ କେତେ ଅର୍ଥ ପରିମାଣର ଚୁକ୍ତିନାମା ହୋଇଛି, ନିର୍ମାଣକାରୀ ସଂସ୍ଥାର ନାମ କଣ, କେବେ ନିର୍ମାଣ ଆରମ୍ଭ ହେବ ?

----

## ରାଇବଣିଆ ଦୁର୍ଗର ପ୍ରବେଶ ଫାଟକ ନିର୍ମାଣ ସ୍ଥିତି

638 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବହୁପ୍ରାଚୀନ ରାଇବଣିଆ ଐତିହାସିକ ଦୁର୍ଗର ପ୍ରବେଶ ଫାଟକ ନିର୍ମାଣର ବର୍ତ୍ତମାନ ଅଗ୍ରଗତି କେଉଁସ୍ତରରେ ଏବଂ କେବେ ସମାପ୍ତ ହେବ, ଅଟକଳ ଅନୁସାରେ କେତେ ଅର୍ଥ ବ୍ୟୟ ହେଲାଣି, ଫାଟକଟିକୁ ଅଧିକ ଆକର୍ଷଣୀୟ କରିବାକୁ ବ୍ୟବସ୍ଥା କ'ଣ ?

----

## ରାଇବଣିଆ ଦୁର୍ଗର ପ୍ରବେଶ ଦ୍ୱାରର ସଂଖ୍ୟା

639 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବହୁପ୍ରାଚୀନ ରାଇବଣିଆ ଐତିହାସିକ ଦୂର୍ଗର ପ୍ରବେଶଦ୍ୱାର କେତୋଟି, ସବୁ ପ୍ରବେଶ ଦ୍ୱାରକୁ ଆକର୍ଷଣୀୟ କରିବା ଓ ନୂଆକରି ଫାଟକ ନିର୍ମାଣ କରିବାକୁ ସରକାରଙ୍କର ଯୋଜନା ଅଛି କି ; ଯଦି ଥାଏ ତାହା କିପରି ?

----

## ରାଇବଣିଆ ଦୁର୍ଗର ପୁନଃରୁଦ୍ଧାର କାର୍ଯ୍ୟ

640 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବହୁପ୍ରାଚୀନ ଐତିହାସିକ ରାଇବଣିଆ ଦୁର୍ଗର ପୁନଃରୁଦ୍ଧାର ଓ ରକ୍ଷଣାବେକ୍ଷଣ ସକାଶେ 2019 - 20 ଆର୍ଥିକ ବର୍ଷରେ ମଞ୍ଜୁର କରିଥିବା ପନ୍ଦର ଲକ୍ଷ ଟଙ୍କା ଏ ପର୍ଯ୍ୟନ୍ତ ବ୍ୟୟ ହେଉନଥିବା ସମ୍ପର୍କରେ ଅବଗତ ଅଛନ୍ତି କି; ଉତ୍ତର 'ହଁ' ହେଲେ ଏହାର ବର୍ତ୍ତମାନ ସ୍ଥିତି କଣ, ଏହି ଟଙ୍କା ବିନିଯୋଗ କରିବାକୁ ସରକାର କ'ଣ ନିର୍ଦ୍ଦେଶ ଦେବେ ?

----

## ଭାଙ୍ଗିଦେଇଥିବା ପ୍ରାଚୀରକୁ ଆଉଥରେ ନିର୍ମାଣ

641 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବହୁପ୍ରାଚୀନ ରାଇବଣିଆ ଐତିହାସିକ ଦୁର୍ଗ ପୂର୍ବ, ଉତ୍ତର ପାର୍ଶ୍ୱର ଭଗ୍ନ ବିରାଟ ଉଚ୍ଚ ପ୍ରାଚୀରକୁ ଭାଙ୍ଗି ଦେଇ ଜଳସେଚନ ବିଭାଗ ପକ୍କା କେନାଲ ନିର୍ମାଣ କରିଚାଲୁଥିବା ସଂକ୍ରାନ୍ତରେ ସରକାର ଅବଗତ ଅଛନ୍ତି କି ; ଉତ୍ତର 'ହଁ' ହେଲେ ଦୁର୍ଗ ସୁରକ୍ଷା ଦୃଷ୍ଟିରୁ ପୁଣିଥରେ ପ୍ରାଚୀର ନର୍ମାଣ ସକାଶେ ସରକାରଙ୍କର ପଦକ୍ଷେପ କଣ ହେବ, ଭଗ୍ନ ପ୍ରାଚୀରର ଲମ୍ବ କେତେ ଏବଂ ଏହା ନିର୍ମାଣ କରିବାକୁ ଜଳସେଚନ କରିବା ସହିତ କୌଣସି ଚୁକ୍ତି ହୋଇଛି କି ?

----

## ଓଡ଼ିଆ ସପ୍ତାହ ପାଳନ ସମ୍ପର୍କରେ

642 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଓଡ଼ିଶା ସରକାରୀ ଭାଷା କମିଟିର ତା 17 .୦୪. 2016 ରିଖରେ ଅନୁଷ୍ଠିତ ପ୍ରଥମ ବୈଠକରେ ହୋଇଥିବା ନିଷ୍ପତ୍ତି/ପ୍ରସ୍ତାବ ମଧ୍ୟରୁ କେଉଁ କେଉଁ ନିଷ୍ପତ୍ତି/ ପ୍ରସ୍ତାବ ଉପରେ କି କି କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରାଯାଇଛି ତାର ସବିଶେଷ ବିବରଣୀ ପ୍ରସ୍ତାବୱାରୀ ପ୍ରଦାନ କରିବେ କି; (ଖ) 2017 ରୁ 2021 ବର୍ଷ ମଧ୍ୟରେ କେଉଁ କେଉଁ ବିଭାଗ ଓଡ଼ିଆ ସପ୍ତାହ ପାଳନ କରି କେଉଁ ବର୍ଷରେ କେଉଁ କେଉଁ କୃତି ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରିଛନ୍ତି ତାର ତାଲିକା ପ୍ରଦାନ କରିବେ କି ?

----

## ଅର୍ଥ ପ୍ରଦାନର ବିବରଣୀ

643 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟର ବିଭିନ୍ନ ବିଭାଗ ନିର୍ଦ୍ଦେଶାଳୟ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ପାଇଁ କେଉଁ କେଉଁ ଘରୋଇ ସଂସ୍ଥାକୁ ନିୟୋଜିତ କରାଯାଇ ୨୦୧୫-୧୬ ରୁ ୨୦୨୧-୨୨ ବର୍ଷ ମଧ୍ୟରେ କେତେ ଅର୍ଥ କେଉଁ ବାବଦରେ ପ୍ରଦାନ କରାଯାଇଛି ତାର ବର୍ଷୱାରୀ ସଂସ୍ଥାୱାରୀ କାର୍ଯ୍ୟାଳୟ ୱାରୀ ଖର୍ଚ୍ଚ ପରିମାଣ ପ୍ରଦାନ କରିବେ କି, (ଖ) ଓକାକ୍ ଦ୍ୱାରା ନିୟୋଜିତ ଘରୋଇ ସଂସ୍ଥାଙ୍କ ମଧ୍ୟରୁ ରାଜ୍ୟ ଓ ରାଜ୍ୟ ବାହାରର କମ୍ପାନୀଙ୍କ ସଂଖ୍ୟା କେତେ ତାହା ପ୍ରକାଶ କରିବେ କି ?

----

## ବିଜ୍ଞାପନ ବାବଦକୁ ବ୍ୟୟର ପରିମାଣ

644 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2013-14 ଆର୍ଥିକ ବର୍ଷରୁ ୨୦୨୧-୨୨ ବର୍ଷ ମଧ୍ୟରେ ବିଜ୍ଞାପନ ବାବଦକୁ ସରକାର କେଉଁ ବର୍ଷ କେତେ ଅର୍ଥ ବ୍ୟୟ କରିଛନ୍ତି, ବ୍ୟୟ ହୋଇଥିବା ଅର୍ଥରୁ କେଉଁ କେଉଁ ବିଭାଗ ନିମନ୍ତେ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମ, ସୋସିଆଲ୍ ମିଡିଆ, ମୁଦ୍ରିତ ଗଣମାଧ୍ୟମ ସମ୍ବାଦପତ୍ର (ଇଂରାଜୀ ଓ ଓଡ଼ିଆ ସମ୍ବାଦ ପତ୍ର ସାପ୍ତାହିକ, ପାକ୍ଷୀକ ଓ ମାସିକ ପତ୍ରିକା) କୁ କେତେ କେତେ ଅର୍ଥର ବିଜ୍ଞାପନ ପ୍ରଦାନ କରାଯାଇଥିଲା ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ଇଲେକ୍ଟ୍ରୋନିକ୍ ଗଣମାଧ୍ୟମ ଓ ସୋସିଆଲ୍ ମିଡିଆକୁ କେଉଁ କେଉଁ ମାପଦଣ୍ଡ ଆଧାରରେ ବିଜ୍ଞାପନ ପ୍ରଦାନ କରାଯାଇଥାଏ ?

----

## କାର୍ଯ୍ୟରୁ ଅନ୍ତର କରାଯାଇଥିବା କର୍ମଚାରୀଙ୍କ ନାମ

645 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Chief Engineer-Cum-Project Director, PMU (OIIAWMIP) କାର୍ଯ୍ୟାଳୟରେ Outsourcing ଜରିଆରେ ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଚାକିରି କରି କେଉଁ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି, କେଉଁ କାରଣରୁ କେଉଁ ମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି ଓ କେଉଁ କର୍ମଚାରୀମାନେ ଅଦ୍ୟାବଧ କାର୍ଯ୍ୟ କରୁଛନ୍ତି ତାର ଏକ ତାଲିକା ପ୍ରଦାନ କରିବେ କି, ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି କାର୍ଯ୍ୟରୁ ଅନ୍ତର ହୋଇଥିବା କର୍ମଚାରୀଙ୍କୁ ପୁନଃ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଶାରିରୀକ ଶିକ୍ଷା ମହାବିଦ୍ୟାଳୟଙ୍କ ସଂଖ୍ୟା

646 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ଠାରେ କେତେଗୋଟି ଶାରିରୀକ ଶିକ୍ଷା ମହାବିଦ୍ୟାଳୟ (Physical Education College) ରହିଛି, ସଂପୃକ୍ତ ମହାବିଦ୍ୟାଳୟ କେତେ ସଂଖ୍ୟକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଛନ୍ତି, ରାଜ୍ୟରେ ସଂପ୍ରତି କେତେ ସଂଖ୍ୟକ Physical Education Teacher ଶିକ୍ଷା ସମାପ୍ତ କରି ନିଯୁକ୍ତି ନପାଇ ବେକାର ବସିଛନ୍ତି, ସଂପୃକ୍ତ ବେକାର ଶିକ୍ଷକଙ୍କୁ ନିଯୁକ୍ତି ପାଇଁ କି କି ବ୍ୟବସ୍ଥା ରହିଛି ଓ ସେହି ବ୍ୟବସ୍ଥା ପରିପ୍ରେକ୍ଷୀରେ 2008-2009 ରୁ 2019-20 ବର୍ଷ ମଧ୍ୟରେ କେତେ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି ଓ ଅଧିକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ନିମନ୍ତେ ତଥା ସମସ୍ତ ଖାଲିଥିବା କ୍ରୀଡା ଶିକ୍ଷକ ପଦବୀରେ ନିଯୁକ୍ତି ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ଓ କ'ଣ କରିବାକୁ ଅଛି ତାହା ପ୍ରକାଶ କରିବେ କି ?

----

## CADA Canal ଜରିଆରେ ଜଳସେଚନ

647 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଆଗଲପୁର Mega Lift Project ରେ ପ୍ରତି ୨୦ ହେକ୍ଟର ଜମିରେ Gravity flow ଅନୁସାରେ ଜଳସେଚନ କରିବା ପାଇଁ One Outlet ଥିବାରୁ ଓ CADA କେନାଲର ବ୍ୟବସ୍ଥା ନ ଥିବାରୁ ବାସ୍ତବରେ ଉକ୍ତ ପ୍ରକଳ୍ପ ଚାଷୀଙ୍କ ଆବଶ୍ୟକତା ମତେ ଜଳ ଯୋଗାଇ ନ ପାରି ମେଗା ପ୍ରକଳ୍ପର Feasibility ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁ ନାହିଁକି, ଆଗଲପୁର Mega Lift ପ୍ରକଳ୍ପର ଜଳସେଚନ ପରିଚାଳନା ନିମନ୍ତେ ଏହି Defect ର Corrective Measure ନେବା ପାଇଁ ପ୍ରତି One Hector ରେ One Outlet ର ବ୍ୟବସ୍ଥା କରିବା ସହ CADA Canal /Underground Pipeline ଜରିଆରେ ଜଳସେଚନର ସୁବ୍ୟବସ୍ଥା କରିବା ପ୍ରସ୍ତାବକୁ ଅନୁଧ୍ୟାନ କରିବାକୁ କେବେ ସୁଦ୍ଧା Technical Team ପଠାଇ Corrective Measures ପାଇଁ ସରକାର ପଦକ୍ଷେପ ନେବେ ?

----

## ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ

648 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଅଦ୍ୟାବଧି ହୋଇଥିବା progress ର ସବିଶେଷ ବିବରଣୀ ସହ ଅଟକଳ ରାଶିରୁ ତା.28.02.22 ସୁଦ୍ଧା କେତେ ପାଣ୍ଠି କେଉଁ ଉଦ୍ଦେଶ୍ୟରେ ରାଜ୍ୟ ସରକାର ବ୍ୟୟ କରିଛନ୍ତି ବର୍ଷୱାରୀ ତଥ୍ୟ ଦେବେ କି, (ଖ) ଲୋୟର ସୁକ ତେଲ ପ୍ରକଳ୍ପରେ ବିସ୍ଥାପିତ ହିତାଧିକାରୀଙ୍କ ତାଲିକା ସହ ସେମାନେ କେଉଁ କେଉଁ ସ୍ଥାନରେ ପରିବାର ସହ ଥଇଥାନ ହୋଇଛନ୍ତି ତାର ଏକ ତାଲିକା ଦେବେ କି, ଅଣତାରକା ପ୍ରଶ୍ନ ସଂଖ୍ୟା 1226/ତା.୦୨.12.21 ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ରେ ପୂର୍ବରୁ ଲାଭାନ୍ୱିତ ହୋଇନଥିବା ଓ PMAY ଘର ଦେବା ପାଇଁ ଅନୁମୋଦିତ ହୋଇଥିବା ହିତାଧିକାରୀଙ୍କ ଥଇଥାନ ସମୟରେ କେଉଁ କେଉଁଠାରେ ଅନୁମୋଦିତ PMAY ଘର ଦିଆଯାଇଛି ହିତାଧିକାରୀଙ୍କ ନାମ ସହ ତାଲିକା ଦେବେ କି ?

----

## ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ

649 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପଶ୍ଚିମ ଓଡିଶା ବିକାଶ ପରିଷଦର Headquarter କୁ ପଶ୍ଚିମ ଓଡିଶାର କୌଣସି ଜିଲ୍ଲାରେ ସ୍ଥାପନ କରିବା ପାଇଁ ମାନ୍ୟବର ହାଇକୋର୍ଟଙ୍କ ଆଦେଶର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି, ମାନ୍ୟବର ହାଇକୋର୍ଟଙ୍କ ଆଦେଶର କାରଯ୍ୟକାରୀତା ଉପରେ ସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ବନ୍ଧେ ତଥ୍ୟ ସହ ସ୍ପଷ୍ଟୀକରଣ ଦେବେ କି ?

----

## ଉନ୍ନୟନମୂଳକ ଭିତ୍ତିଭୂମି ନିର୍ମାଣ ପାଇଁ ହୋଇଥିବା ଖର୍ଚ୍ଚ

650 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ତା.01.01.2019 ମସିହାରୁ ତା.28.02.2022 ମସିହା ପର୍ଯ୍ୟନ୍ତ ରାଜ୍ୟରେ ଉନ୍ନୟନମୂଳକ ଭିତ୍ତିଭୂମୀ ନିର୍ମାଣ ପାଇଁ ରାଜ୍ୟର ମନ୍ତ୍ରୀ ମଣ୍ଡଳର ସଦସ୍ୟମାନେ ସରକାରୀ ଖର୍ଚ୍ଚରେ କେଉଁ ଜିଲ୍ଲାରେ କେବେ, କେଉଁ କେଉଁ ପ୍ରକଳ୍ପର ଶିଳାନ୍ୟାସ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି, ବିଭାଗୱାରୀ, ବର୍ଷୱାରୀ ଓ ଜିଲ୍ଲାୱାରୀ ପ୍ରକଳ୍ପ ତାଲିକା ସହ ତଥ୍ୟ ଦେବେ କି, (ଖ) ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ଉପରୋକ୍ତ ପ୍ରକଳ୍ପମାନଙ୍କର ବଜେଟ ଅଟକଳ, ବର୍ତ୍ତମାନସୁଦ୍ଧା ହୋଇଥିବା ଖର୍ଚ୍ଚ ବର୍ଷୱାରୀ ତଥ୍ୟ ସହ ପ୍ରକଳ୍ପର ସ୍ଥିତି ସମ୍ବନ୍ଧରେ ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

## ବାଇପାସ ରାସ୍ତାମାନଙ୍କର ସ୍ଥିତି

651 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାରେ ପ୍ରସ୍ତାବିତ ବାଇପାସ୍ ରାସ୍ତାମାନଙ୍କର ରାଜ୍ୟ ଓ କେନ୍ଦ୍ରୀୟ ଅଂଶର ଅଟକଳ ସହ ବର୍ତ୍ତମାନସ୍ଥିତି ଓ ଅଗ୍ରଗତି ସମ୍ବନ୍ଧରେ ସବିସ୍ତୃତ ବିବରଣୀ ଦେଇ କେବେସୁଦ୍ଧା ଏହି ପ୍ରସ୍ତାବିତ ବାଇପାସ୍ ରାସ୍ତାର ନିର୍ମାଣକାର୍ଯ୍ୟ ଆରମ୍ଭ ହେବ ତାର ସ୍ପଷ୍ଟୀକରଣ ଦେବେ କି ?

----

## ବିଜ୍ଞାପିତ ଯୋଜନାଗୁଡିକ ନିମନ୍ତେ ବଜେଟ ବ୍ୟବସ୍ଥା

652 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ୬ ମାସ ମଧ୍ୟରେ ରାଜ୍ୟ ସରକାରଙ୍କଦ୍ୱାରା ସମସ୍ତ ବିଜ୍ଞାପିତ ଯୋଜନାଗୁଡିକ ନିମନ୍ତେ 2021-22 ଆର୍ଥିକ ବର୍ଷରେ ବଜେଟ୍ ବ୍ୟବସ୍ଥା କେତେ ଥିଲା ଓ ଏଥିରେ କେନ୍ଦ୍ରୀୟ ସହାୟତା କେତେ, ଯୋଜନା ଓ ବିଭାଗୱାରୀ ହିସାବ ଉପସ୍ଥାପିତ କରିବେ କି ?

----

## କାର୍ଯ୍ୟକାରୀ ଯୋଜନାର ସଂଖ୍ୟା

653 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ 2010 ମସିହାଠାରୁ 2021 ସୁଦ୍ଧା କେତୋଟି ଯୋଜନା କାର୍ଯ୍ୟକାରୀ ହେଉଛି, ଏଥିମଧ୍ୟରୁ କେତୋଟି ବୃହତ୍ତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନା ରହିଛି, ଏଗୁଡିକ କେଉଁ ମସିହାରେ ଆରମ୍ଭ ହୋଇଛି, ପ୍ରଥମେ ଏଥିପାଇଁ ଖର୍ଚ୍ଚ ଅଟକଳ ପରିମାଣ, ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ, କେବେ କାର୍ଯ୍ୟକ୍ଷମ ହେଲା, ଯଦି ନ ହୋଇଛି ତେବେ ବର୍ତ୍ତମାନରସ୍ଥିତି ବା status report କଣ, କେବେସୁଦ୍ଧା ଏଗୁଡିକ କାର୍ଯ୍ୟକ୍ଷମ ହେବ ?

----

## ସାଇବର କ୍ରାଇମକୁ ରୋକିବା ପାଇଁ ପଦକ୍ଷେପ

654 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ଦିନକୁଦିନ ସାଇବର କ୍ରାଇମ ବଢିବାରେ ଲାଗିଛି, ସାଇବର କ୍ରାଇମକୁ ରୋକିବା ପାଇଁ ରାଜ୍ୟ ସରକାର କଣ ପଦକ୍ଷେପ ନେଇଛନ୍ତି, ବରିଷ୍ଠ ନାଗରୀକମାନେ ବିଶେଷ ଭାବେ ଏହି ସାଇବର କ୍ରାଇମର ଶୀକାର ହେଉଛନ୍ତି, ବରିଷ୍ଠ ନାଗରିକମାନଙ୍କୁ ଏ ଦିଗରେ ସାହାଯ୍ୟ କରିବା ପାଇଁ ଓ ସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର କଣ କରିଛନ୍ତି ?

----

## ଠିକ୍ ସମୟରେ କାର୍ଯ୍ୟ ହୋଇପାରୁନଥିବା ସମ୍ପର୍କରେ

655 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବରମୁଣ୍ଡା ବସଷ୍ଟାଣ୍ଡକୁ ବିଶ୍ୱସ୍ତରୀୟ କରିବା ପାଇଁ ସରକାର କେତେ ଟଙ୍କାର ଖର୍ଚ୍ଚ ଅଟକଳ କରିଛନ୍ତି, ଠିକ୍ ସମୟରେ କାର୍ଯ୍ୟ ହୋଇପାରୁନଥିବାରୁ ଖର୍ଚ୍ଚ ଅଟକଳ ବଢୁଥିବା ଅଭିଯୋଗ ସତ୍ୟ କି, ଯଦି ସତ୍ୟ ସରକାର ଠିକ୍ ସମୟରେ ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିପାରୁନଥିବାର କାରଣ କଣ, ଏଥିପାଇଁ ଦାୟୀ କିଏ, ପରିବହନ ବିଭାଗ ନା 5T ର ଅବହେଳା ?

----

## ସ୍ୱୀକୃତିପ୍ରାପ୍ତ ପର୍ଯ୍ୟଟନସ୍ଥଳୀର ସଂଖ୍ୟା

656 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2010 ମସିହାସୁଦ୍ଧା ଓଡିଶାରେ ପର୍ଯ୍ୟଟନ ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ କେତୋଟି ପର୍ଯ୍ୟଟନସ୍ଥଳୀ ଥିଲା, ଜିଲ୍ଲାୱାରୀ ସେଗୁଡିକର ନାମ ତାଲିକା ପ୍ରଦାନ କରିବେ କି 2010 ପରେ କେତୋଟି ପର୍ଯ୍ୟଟନସ୍ଥଳୀ ସ୍ୱୀକୃତି ପାଇଛି, ସେଗୁଡିକର ବର୍ଷୱାରୀ ନାମ ତାଲିକା ସହ, କେତୋଟି ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟନ ବିଭାଗର ସ୍ୱୀକୃତି ପାଇବା ଅପେକ୍ଷାରେ ଅଛନ୍ତି, ସେଗୁଡିକର ନାମ ତାଲିକା ପ୍ରଦାନ କରିବା ସହ ଏପର୍ଯ୍ୟନ୍ତ ସେଗୁଡିକୁ ସରକାରୀ ସ୍ୱୀକୃତି ମିଳିନଥିବାର କାରଣ କଣ କହିବେ କି ?

----

## ଡିପ ବୋରୱେଲ ସେଚ କାର୍ଯ୍ୟକ୍ରମ

657 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଏହି ବିଭାଗ ଅନ୍ତର୍ଗତ ଓଡିଶା ଲିଫଟ ଇରିଗେସନ କର୍ପୋରସନ ତରଫରୁ ଡିପ୍ ବୋରୱେଲ ସେଚ କାର୍ଯ୍ୟକ୍ରମ କେବେଠାରୁ ଆରମ୍ଭ ହୋଇଛି, ଜିଲ୍ଲାୱାରୀ ପ୍ରତି ବର୍ଷ କେତୋଟି ବୋରୱେଲ ପାଇଁ ସରକାର ପ୍ରସ୍ତାବ ପାଇଛନ୍ତି ଓ କେତୋଟିକୁ ମଞ୍ଜୁରୀ ଦେଇଛନ୍ତି, ବର୍ଷୱାରୀ ଓ ଜିଲ୍ଲାୱାରୀ କେତୋଟି ବୋରୱେଲ ସରକାର ଖନନ କରିଛନ୍ତି, ଏବେ 2022 ସୁଦ୍ଧା ସେଗୁଡିକର ସ୍ଥିତି କଣ, କେତୋଟି କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି ଓ କେତୋଟି ଅଚଳ ହୋଇପଡିଛି, ଅଚଳ ବୋରୱେଲକୁ ପୁନଃ କାର୍ଯ୍ୟକ୍ଷମ ପାଇଁ ସରକାରଙ୍କ ଯୋଜନା ଅଛି କି, ଏ ବାବଦରେ କେନ୍ଦ୍ର ସରକାର କେତେ ଟଙ୍କା ଦେଇଛନ୍ତି ଓ ରାଜ୍ୟ ସରକାର କେତେ ଖର୍ଚ୍ଚ କରିଛନ୍ତି ?

----

## ବିଜ୍ଞାପନର ପରିମାଣ

658 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2010 ମସିହାଠାରୁ 2021 ଡିସେମ୍ବରସୁଦ୍ଧା ବର୍ଷୱାରୀ ରାଜ୍ୟ ସରକାର ବିଭିନ୍ନ ସମ୍ବାଦପତ୍ର ଓ ଗଣମାଧ୍ୟମ (ଇଲେକ୍ଟ୍ରୋନିକ) କୁ କେତେ ବିଜ୍ଞାପନ ଦିଆଯାଇଛି, ବର୍ଷୱାରୀ ଗଣମାଧ୍ୟମ ଉଭୟ ସମ୍ବାଦପତ୍ର ଓ ଇଲେକ୍ଟ୍ରୋନିକ୍ ମିଡିଆକୁ କେତେ ଟଙ୍କା ଦିଆଯାଇଛି, ସେସବୁର ବର୍ଷ, ମାସ, ଦିନ ଓ ଗଣମାଧ୍ୟମର ନାମ ସହିତ ବିସ୍ତୃତ ତାଲିକା ପ୍ରଦାନ କରିବେ କି ?

----

## କ୍ରୀଡା ପାଇଁ ଦେଇଥିବା ଅର୍ଥର ତାଲିକା

659 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2010 ରୁ 2021 ଡିସେମ୍ବର ସୁଦ୍ଧା ବର୍ଷୱାରୀ କେନ୍ଦ୍ର ସରକାର ଓଡିଶାରେ କ୍ରୀଡାର ବିକାଶ ପାଇଁ ବର୍ଷୱାରୀ କେଉଁ କେଉଁ କ୍ରୀଡା ପାଇଁ କେତେ ଟଙ୍କା ଦେଇଛନ୍ତି, ରାଜ୍ୟ ସରକାର ବର୍ଷୱାରୀ କେଉଁ କେଉଁ କ୍ରୀଡା ପାଇଁ କେତେ ଟଙ୍କା ଖର୍ଚ୍ଚ କରି ଆସିଛନ୍ତି, ବିଭିନ୍ନ ଭିତ୍ତିଭୂମି ବିକାଶରେ କେଉଁ କେଉଁ ନିର୍ମାଣ କାର୍ଯ୍ୟ କରାଯାଇଛି, ସେଥିରେ କେନ୍ଦ୍ର ସରକାରଙ୍କର ଦେୟ ପରିମାଣ ଓ ରାଜ୍ୟ ସରକାରଙ୍କ ବିସ୍ତୃତ ଖର୍ଚ୍ଚ ତାଲିକା ଦେବେ କି ?

----

## ଦେଓମାଳି ଓ ରାଣିଡୁଡୁମାରେ ପର୍ଯ୍ୟଟନର ବିକାଶ

660 **ଶ୍ରୀ ପିତମ୍ ପାଢୀ (ପଟାଙ୍ଗୀ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦେଓମାଳିରେ ପର୍ଯ୍ୟଟନର ବିକାଶ ଓ ରାଣିଡୁଡୁମାରେ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ କଣ କଣ ପଦକ୍ଷେପ ନିଆଯାଉଛି ଓ ଆଗାମି ଦିନରେ କେଉଁ ପ୍ରକଳ୍ପ ସବୁ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଇଛି, ତା ସହ ଜିଲ୍ଲାରେ ଆତ୍ମନିଯୁକ୍ତି ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସ୍ୱତନ୍ତ୍ର ଭାଷାର ସୁରକ୍ଷା

661 **ଶ୍ରୀ ପିତମ୍ ପାଢୀ (ପଟାଙ୍ଗୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୋରାପୁଟ ଜିଲ୍ଲାରେ ପଟାଙ୍ଗୀ, ନନ୍ଦପୁର ଓ ସେମିଳିଗୁଡା ଅଞ୍ଚଳରେ କନ୍ଧ, ପରଜା ଅନୁସୂଚିତ ଜନଜାତି ବର୍ଗର ଲୋକ ବସବାସ କରୁଥିବା ଲୋକଙ୍କର ଏକ ସ୍ୱତନ୍ତ୍ର ଭାଷା ରହିଅଛି, ଏହି ଭାଷାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ନିମନ୍ତେ କିଛି ପଦକ୍ଷେପ ନିଆଯାଉଅଛି କି, ଯଦିନାହିଁ ଏହାପ୍ରତି ଧ୍ୟାନ ଦେବେ କି ?

----

## ଜୟପୁରଠାରୁ ଚାଟୁଆ ପର୍ଯ୍ୟନ୍ତ ବସ୍ ବ୍ୟବସ୍ଥା

662 **ଶ୍ରୀ ପିତମ୍ ପାଢ଼ୀ (ପଟାଙ୍ଗୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୟପୁରଠାରୁ ଚାଟୁଆ ଆନ୍ଧ୍ର ସିମାନ୍ତ ଭାୟା ଟାଇଁତର ଛକ, ବାଡେଲ ଓ ଅତଣ୍ଡା ଦେଇ ଚାଟୁଆ ପର୍ଯ୍ୟନ୍ତ ଏକ ସରକାରୀ ବସର ବ୍ୟବସ୍ଥା କରିବେ କି ?

----

## ହୀରାପୁରଠାରୁ ଭୁବନେଶ୍ୱରକୁ ବସ ଚଳାଚଳ

663 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଲାଞ୍ଜୀଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହୀରାପୁରଠାରୁ ବିଷମ କଟକ ଭାୟା ଜୟପାଟଣା, ଜୁନାଗଡ, ଭବାନୀପାଟଣା, ବିଶ୍ୱନାଥପୁର ଦେଇ ଏକ ବସ ଏବଂ ଥୁଆମୂଳରାମପୁରଠାରୁ ଭୁବନେଶ୍ୱରକୁ ଏକ ବସ ଚଳାଚଳ କରିବା ପାଇଁ ଜନସାଧାରଣ ଦାବୀ କରି ଆସୁଛନ୍ତି, ଏଥିପାଇଁ ସରକାରଙ୍କ ତରଫରୁ କି ପଦକ୍ଷେପ ଗ୍ରହଣ କରାଯାଉଛି ଜଣାଇବେ କି ?

----

## ସାନ୍ଦଲ ନଦୀରେ M.I.P. ପାଇଁ DPR ପ୍ରସ୍ତୁତ

664 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଲାଞ୍ଜୀଗଡ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାନ୍ଦୁଲ ନଦୀରେ ଏକ M.I.P. କରିବା ପାଇଁ DPR ପ୍ରସ୍ତୁତ କରି ବିଭାଗକୁ ହସ୍ତାନ୍ତର କରାଯାଇଛି କି, ଯଦି ହଁ ତେବେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ସ୍ତରରେ କି ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବେ କି ?

----

## ଶହୀଦ ରେଣ୍ଡୋ ମାଝୀ ଦିବସ ପାଳନ

665 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡିର ବରପୁତ୍ର ତଥା ସ୍ୱାଧିନତା ସଂଗ୍ରାମୀ ସହିଦ୍ ରେଣ୍ଡୋ ମାଝୀଙ୍କ ସହିଦ ଦିବସ ଡିସେମ୍ବର 10 ତାରିଖକୁ "ସହିଦ୍ ରେଣ୍ଡୋ ମାଝୀ ଦିବସ" ଭାବରେ ପାଳନ କରିବା ପାଇଁ ସାଂସ୍କୃତିକ କ୍ୟାଲେଣ୍ଡରରେ ସ୍ଥାନ ଦେବା ପାଇଁ ଜନସାଧାରଣ ଦାବୀ କରି ଆସୁଛନ୍ତି, ଏଥିପ୍ରତି ସରକାରୀ ସ୍ତରରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ଜଣାଇବେ କି ?

----

## ହାତଛଡା ହେଉଥିବା ପରିବହନ ରାଜସ୍ୱର ପରିମାଣ

666 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ପଡୋଶୀ ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ, ଝାଡଖଣ୍ଡ, ବିହାର ଓ ପଶ୍ଚିମବଙ୍ଗ ତୁଳନାରେ ଆମ ରାଜ୍ୟରେ ଧାର୍ଯ୍ୟ ଗାଡି ପଞ୍ଜୀକରଣ ଫି, ରାସ୍ତା ଟିକସ ଓ ଅନ୍ୟାନ୍ୟ ଦେୟ କମ ନା ବେଶି, ଏଭଳି ତାରତମ୍ୟ ଯୋଗୁଁ ସୀମାନ୍ତ ଜିଲ୍ଲାର ଲୋକେ ପଡୋଶୀ ରାଜ୍ୟରୁ ଗାଡି କିଣି ସେଠାରେ ପଞ୍ଜୀକରଣ କରୁନାହାଁନ୍ତି କି, ଏହାଦ୍ୱାରା ଆମ ରାଜ୍ୟ ବର୍ଷକୁ କେତେ ପରିମାଣରେ ପରିବହନ ରାଜସ୍ୱ ହାତଛଡା କରୁଛି ଜଣାଇବେ କି ?

----

## ସମୁଦ୍ରକୁ ବହି ଯାଉଥିବା ଜଳରୁ ସର୍ବାଧିକ ଉପଯୋଗ

667 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ପ୍ରବାହମାନ ଜଳଉତ୍ସରୁ କେତେ ପ୍ରତିଶତ ଲେଖାଏଁ ଜଳ ସାଧାରଣ ବ୍ୟବହାର, ଜଳ ସେଚନ ଶିଳ୍ପ ଏବଂ ଜଳ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ବ୍ୟବହୃତ ହେଉଛି ଓ କେତେ ପ୍ରତିଶତ ଜଳ ସମୁଦ୍ରକୁ ବହିଯାଉଛି ସମୁଦ୍ରକୁ ବହି ଯାଉଥିବା ଜଳରୁ ସର୍ବାଧିକ ଉପଯୋଗ ନିମନ୍ତେ ସରକାରଙ୍କ ବିସ୍ତୃତ ଯୋଜନା କଣ ଓ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ -ସବିଶେଷ ଜଣାଇବେ କି ?

----

## ଖଣିଜ ଫାଉଣ୍ଡେସନ ପାଣ୍ଠିରୁ ଅନୁଷ୍ଠାନକୁ ଟଙ୍କା ପ୍ରଦାନ

668 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କରୋନା ସଂକ୍ରମଣର ମୁକାବିଲା ଓ ଏଥିରେ ଆକ୍ରାନ୍ତଙ୍କ ଚିକିତ୍ସା ତଥା ଆନୁସଙ୍ଗୀକ ଭିତ୍ତିଭୂମି ବାବଦରେ କେଉଁ କେଉଁ ଜିଲ୍ଲା ଖଣିଜ ଫାଉଣ୍ଡେସନ (DMF) ପାଣ୍ଠିରୁ କେତେ ଟଙ୍କା ଲେଖାଏଁ କେଉଁ ଅନୁଷ୍ଠାନ ଗୁଡିକୁ ଦିଆଯାଇଛି ସମ୍ପୃକ୍ତ ଅନୁଷ୍ଠାନରୁ ବିନିଯୋଗ ପ୍ରମାଣପତ୍ର (U.C.) ମିଳିଲାଣି କି, ପାଣ୍ଠି ପ୍ରଦାନ ଓ ବିନିଯୋଗ ସଂକ୍ରାନ୍ତରେ ଅନୁଷ୍ଠାନ ୱାରୀ ତଥ୍ୟ ଦେବେ କି ?

----

## ସବ୍ ମାଇନର କେନାଲର ସ୍ଥିତି

669 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଭୁବନେଶ୍ୱର ପାହାଳ ନିକଟ ରୁଦ୍ରପୁର ଦେଇ ଯାଇଥିବା ସବ୍ ମାଇନର କେନାଲର ସ୍ଥିତି କଣ. ତାହା ଆଉ କେନାଲ ହିସାବରେ ବ୍ୟବହାର ହେବାର ଅଛି କି ଉତ୍ତର ଯଦି ନାଁ ହୁଏ ଉକ୍ତ କେନାଲ ଭୁବନେଶ୍ୱର ମୁନିସିପାଲ କରପୋରେସନର କିଛି କାର୍ଯ୍ୟରେ ଆସିବ କି, ଉତ୍ତର ଯଦି ହଁ ହୁଏ B.M.C କୁ ହସ୍ତାନ୍ତର କରିବା ପାଇଁ କଣ ପଦକ୍ଷେପ ନିଆଯାଇଛି କି, ଉତ୍ତର ନାଁ ହୁଏ ଉକ୍ତ କେନାଲରେ ବର୍ଷା ଜଳ ପ୍ରବାହ ଦ୍ୱାରା ସେଠାରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଏବଂ ବାସିନ୍ଦା ମାନଙ୍କ ଅସୁବିଧା ପହଞ୍ଚାଇବା ସତ୍ୟ କି ସମସ୍ତ ତଥ୍ୟ ପ୍ରଦାନ କରିବେ କି ?

----

## ସାଧୁବିହାର ସଂଲଗ୍ନ କେନାଲକୁ ଜବର ଦଖଲ ମୁକ୍ତ କରିବା ପାଇଁ ପଦକ୍ଷେପ

670 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱର ଧଉଳି ଛକ ନିକଟସ୍ଥ ସାଧୁବିହାର ସଲଗ୍ନ କେନାଲ ଆଉ କେନାଲ ହିସାବରେ ବ୍ୟବହାର ହେବ କି, ଉତ୍ତର ଯଦି ନାଁ ହୁଏ ଉକ୍ତ କେନାଲକୁ ଯେଉଁମାନେ ଜବର ଦଖଲ କରିଛନ୍ତି ତାକୁ ଉଚ୍ଛେଦ କରିବା ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ଉତ୍ତର ଯଦି ନାଁ ହୁଏ କେବେସୁଧା ଜବର ଦଖଲ କାରୀଙ୍କୁ ଉଚ୍ଛେଦ କରାଯିବ ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି କେଉଁ କେଉଁ ବ୍ୟକ୍ତି ଅବା ସଂସ୍ଥା ଧଉଳି ପଞ୍ଚାୟତ ଅଧିନରେ ଥିବା କେନାଲକୁ ଜବର ଦଖଲ କରିଛନ୍ତି ତାର ବିଶଦ ବିବରଣୀ ପ୍ରଦାନ କରିବା ସହିତ ପୂର୍ବରୁ ଯଦି ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନିଆଯାଇଥାଏ ଜଣାଇବେ କି ?

----

## ଖେଳପଡିଆ ଉନ୍ନତିକରଣ ପାଇଁ ହୋଇଥିବା ବ୍ୟୟ ବରାଦ ସମ୍ପର୍କରେ

671 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2019/20 ଆର୍ଥିକ ବର୍ଷରୁ 2021/22 ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର କେଉଁ ଜିଲ୍ଲାର କେଉଁ ଖେଳ ପଡିଆର ଉନ୍ନତି କରଣ ପାଇଁ କେତେ ଅର୍ଥ ବିନିଯୋଗ ଅବା ବ୍ୟୟ ବରାଦ ହୋଇଛି ଜଣାଇବେ କି ଜଟଣୀ ବ୍ଲକ ଅଧିନସ୍ଥ ମଦନପୁର ଆଦିବାସୀ ସାହି ନିକଟସ୍ଥ ହାରାହାରି 7 ଏକର ଜାଗାରେ ଥିବା ଖେଳେ ପଡିଆକୁ ଉନ୍ନତି କରଣ ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ଉତ୍ତର ଯଦି ହଁ ହୁଏ କେବେ ସୁଧା କାର୍ଯ୍ୟ ଆରମ୍ଭ ହେବ ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ?

----

## ସରକାରୀ ବସ ଚଳାଇବା ପାଇଁ ପଦକ୍ଷେପ

672 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍କିକୁ ଯେଉଁ କେତେଖଣ୍ଡ ଘରୋଇ ବସ ଯାତାୟତ କରୁଛି ତାହା ପାସେଞ୍ଜରଙ୍କ ଆବଶ୍ୟକତା ଠାରୁ କମ ଏବଂ ଯାତ୍ରୀମାନେ ମାଲବାହୀ ଟ୍ରକରେ ମାଲ ଲଦା ହେବା ଭଳି ଯାତାୟତ କରୁଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଠାରୁ ବାଙ୍କୀ 2 ଗୋଟି ସରକାରୀ ବସ ପ୍ରଚଳନ କରିବା ଦିଗରେ ପଦକ୍ଷେପ ନେବେ କି ?

----

## ଭତ୍ତା ପାଇଁ ଆବେଦନ କରିଥିବା କଳାକାରଙ୍କ ସଂଖ୍ୟା

673 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍କୀ ନିର୍ବାଚନ ମଣ୍ଡଳୀରେ ଅଦ୍ୟାବଧି କେତେଜଣ କଳାକାରଙ୍କୁ ସରକାର ଭତ୍ତା ପ୍ରଦାନ କରୁଛନ୍ତି ଏବଂ ଏହି ଭତ୍ତାର ପରିମାଣ ମାସିକ କେତେ ଚଳିତ ଆର୍ଥିକ ବର୍ଷରେ ନୁତନ ଭାବେ କେତେ ଜଣ କଳାକାର ଭତ୍ତା ନିମନ୍ତେ ଆବେଦନ କରିଛନ୍ତି ଏବଂ ସେହି ଆବେଦନ ଦର୍ଖାସ୍ତର ବର୍ତ୍ତମାନ ସ୍ଥିତି କଣ ?

----

## ବାଙ୍କୀ ବସ୍ ଷ୍ଟାଣ୍ଡରେ ବିଶ୍ରାମ ଗାର ନିର୍ମାଣ

674 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍କୀ ବସଷ୍ଟାଣ୍ଡରେ ଯାତ୍ରୀମାନଙ୍କୁ ଖରା, ବର୍ଷା, ଶୀତ, କାକରରୁ ରକ୍ଷାପାଇଁ ଯାତ୍ରୀ ବିଶ୍ରାମଗାର ନଥିବା କାରଣରୁ ବହୁ ଦୁର ଜାଗାରୁ ଆସୁଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏଣୁ ଏଠାରେ ଯାତ୍ରୀ ମାନଙ୍କ ଅସ୍ଥାୟୀ ବିଶ୍ରାମପାଇଁ ଗୋଟିଏ ବିଶ୍ରାମଗାର ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବେ କି ?

----

## ଉଦଳାଠାରେ Multi Purpose Indoor Stadium ନିର୍ମାଣ

675 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଉଦଳାଠାରେ Multi Purpose Indoor Stadium ନିର୍ମାଣ ପାଇଁ କେତେ ଅର୍ଥ ବ୍ୟୟବରାଦ ହୋଇଛି କେବେ କାର୍ଯ୍ୟ ଆରମ୍ଭ ହୋଇ ସମାପ୍ତ ହେବ ତଥ୍ୟ ପ୍ରଦାନ କରିବେ  କି ?

----

## କ୍ଷୟକ୍ଷତି ବିଷୟରେ ପୁନରୁଦ୍ଧାର ପାଇଁ DPR କୁ ଅନୁମୋଦନ

676 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଉଦଳା ବ୍ଲକରେ ପ୍ରବାହିତ ଦେଓନଦୀର ବନ୍ୟା କାରଣରୁ ଅତଡା ଖାଇ ଦୁସ୍ମାଠାରୁ ନରପଦା ଭାୟା-ପଣସଗଦି ଆମ୍ବଡିହ, ଅଜାପାଳ, ଅନରପଦା ଆଦି ଗାଁ ଗୁଡିକ କ୍ଷୟକ୍ଷତି ବିଷୟରେ ଓ ପାଟଶାଣୀପୁର ଗ୍ରାମ ପଞ୍ଚାୟତ ନାଳୁହାନଦୀ ର ବନ୍ୟାକାରଣରୁ କାଶୀ କୁଣ୍ଡଳ, ଆଦିପୁର, ଇତ୍ୟାଦି କ୍ଷୟକ୍ଷତି ବିଷୟରେ ପୁନରୁଦ୍ଧାର ପାଇଁ (DPR) ଙ୍କୁ T.A.C ରେ ଅନୁମୋଦନ ମିଳିଛି କି ନାହିଁ ଯଦି ଉତ୍ତର ହଁ ହୁଏ ତେବେ ଉକ୍ତ ପ୍ରକଳ୍ପ କେବେ କାର୍ଯ୍ୟକାରୀ ହୋଇ ଶେଷହେବ ?

----

## ଅଠରଦେଉଳର ଉନ୍ନତିକରଣ

677 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶିମିଳିପାଳ ଜଙ୍ଗଲ ମଧ୍ୟରେ ସର୍ବ ପୁରାତନ ଧାର୍ମିକ ଅନୁଷ୍ଠାନ ବାଥୁଡି ସଂପ୍ରଦାୟର ଆଦି ଉପାସନା ପୀଠ "ଅଠର ଦେଉଳ" ର ଉନ୍ନତି କରଣ ଓ ସୌନ୍ଦର୍ଯ୍ୟ କରଣ ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି କେତେ ଆର୍ଥିକ ଅନୁଦାନ ମଞ୍ଜୁର କରୁଛନ୍ତି ?

----

### Distribution of Special Problem Funds & Special Development Fund

678 **Dr. Pradeep Kumar Panigrahy (Gopalpur):**

Will the Minister for **Planning and Convergence** be pleased to state that:-:- How special problem fund and special development fund distributed for each constituency and critical gap fund also distributed among different constituency, is there any policy or guideline or recommendation of local MLA for disbursement of above fund, if so, provide a guideline?

----

### Administrative Structure

679 **Dr. Pradeep Kumar Panigrahy (Gopalpur):**

Will the Minister for **Water Resources** be pleased to state that:-:- what is the administrative structure of water resources development for Ganjam and Gajapati, what are the major pending issue of the administrative office to protect the interest of public?

----

### Different Ongoing Projects

680 **Dr. Pradeep Kumar Panigrahy (Gopalpur):**

Will the Minister for **Water Resources** be pleased to state that:-:- what are different ongoing project of Gopalpur Assembly Constituency, whether department have taken any step for development of Ganju Tampara and Chhatrapur Tampara and other development project which are pending for sanction for Gopalpur Assembly Constituency?

----

### ଉନ୍ନତି ମୂଳକ କାର୍ଯ୍ୟ ଆରମ୍ଭ

681 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଡସାହି ନିର୍ବଚନମଣ୍ଡଳୀର ବଡସାହି ବ୍ଲକ ଅନ୍ତର୍ଗତ ମାଣତ୍ରୀ ଠାରେ ବାବା କଖାରୁଆ ବୈଦନାଥ ଶୀବ ମନ୍ଦିର ୧୨୨୫ ମସିହାରେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଉନ୍ନତି ନ ହେବାର କାରଣ କଣ ଏବଂ ମଞ୍ଜୁର ହୋଇ ଥିବା ଅର୍ଥ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନପାରିବା କାରଣ କଣ ବାରମ୍ବାର ବିଧାନସଭା ଅଧିବେଶନରେ ଉତଥାପନ କଲାପରେ ମଧ୍ୟ ଉନ୍ନତି ମୂଳକ କାମ ହୋଇନପାରିବା ଦୁର୍ଭାଗ୍ୟ ଜନକ କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ଏବଂ କେବେ ସୁଦ୍ଧା ଶେଷ ହେବ ଜଣାଇବେ କି ?

----

## ବେତନଟୀ ବସଷ୍ଟାଣ୍ଡ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ

682 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଡସାହି ନିର୍ବାଚନମଣ୍ଡଳୀରେ ବେତନଟି ବ୍ଲକ ଏବଂ ବଡସାହି ବ୍ଲକରେ ଦୁଇଟି ବସଷ୍ଟାଣ୍ଡ ଏପର୍ଯ୍ୟନ୍ତ ନ ହୋଇପାରିବାର କାରଣ କଣ ଓ ବେତନଟି ବସଷ୍ଟାଣ୍ଡ N.H.-18 ପାର୍ଶ୍ୱରେ ହୋଇଥିବାରୁ ଏବଂ ଅଧିକାଂଶ ଲୋକ ବସ ଉପରେ ନିର୍ଭର କରୁଥିବାରୁ ବେତନଟୀ ଉପରେ ଏକ ସ୍ଥାୟୀ ବସଷ୍ଟାଣ୍ଡର ଆବଶ୍ୟକତା ଅଛି ତେଣୁ ବେତନଟି ବସଷ୍ଟାଣ୍ଡ ପାଇଁ ଜମି ଅଧିଗ୍ରହଣ କଉ ପର୍ଯ୍ୟାୟରେ ପହଞ୍ଚିଛି କେତେ ସଂଖ୍ୟକ ଜମିର ଆବଶ୍ୟକତା ଅଛି ଏବଂ କେବେ ସୁଦ୍ଧା ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହେବ ତାହା ସରକାର ଜଣାଇ ବେ କି ଏବଂ ବଡସାହିରେ ମଧ୍ୟ କେବେସୁଧା ବସଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ ହେବ ସରକାର ଅବଗତ କରାଇବେ କି ?

----

## ଦଳ ଗଞ୍ଜନ ଛାପାଖାନାର ଉନ୍ନତି

683 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ବଲାଙ୍ଗିର ସ୍ଥିତ ଦଳ ଗଞ୍ଜନ ଛାପାଖାନା ର ଉନ୍ନତି ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ କେଉଁ ସମୟ ସୀମା ଭିତରେ ଏହି ଛାପାଖାନାର ଉନ୍ନତି କରଣ କରାଯିବ ?

----

## ସୁନ୍ଦରଗଡ ଜିଲ୍ଲାରେ ଯୁବ ସଶକ୍ତି କରଣ

684 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସୁନ୍ଦରଗଡ ଜିଲ୍ଲାରେ ଯୁବ ସଶକ୍ତିକରଣ ପାଇଁ କେଉଁ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ଜୟଦେବ ନିର୍ବାଚନମଣ୍ଡଳୀରେ ହେଉଥିବା କାର୍ଯ୍ୟର ତାଲିକା

685 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜୟଦେବ ନିର୍ବାଚନମଣ୍ଡଳୀର କେଉଁ କେଉଁ ସ୍ଥାନରେ ଏହି ବିଭାଗ ଦ୍ଵାରା କି କି କାର୍ଯ୍ୟ କରାଯାଉଛି ତାହା କେତେ ଟଙ୍କା ବ୍ୟୟରେ ତାହାର ଏକ ପୂର୍ଣ୍ଣାଙ୍ଗ ତାଲିକା ଦେବେ କି ?

----